## ସଂକ୍ଷେପରେ

### ୧୨ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଧର୍ମଶାଳା,୮।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ସାମାଜିକ ସୁରକ୍ଷା ଓ ଜିଲା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଆସନ୍ତା ୧୨ ତାରିଖ ଶୁକ୍ରବାର ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିରେ ଭିନ୍ନକ୍ଷମ ବ୍ୟକ୍ତିମାନେ ସକାଳ ସାଢ଼େ ଆଠଟାରେ ନାମପଞ୍ଜୀକରଣ କରି ସୁବିଧା ନେବାକୁ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

### ୩ ବଖରା ଜଳିଗଲା

କଳିଙ୍ଗନଗର,୮।୧(ଶୁଭାଶିଷ ରାଉତ): ଦାନଗଦି ବ୍ଲକ ଅନ୍ତର୍ଗତ ସୋଲେଇ ଗାଁର ରାଜେନ୍ଦ୍ର ମହାରଣାଙ୍କ ଘରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୩ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ଥିବା ଆସବାବପତ୍ର ପାଉଁଶ ହୋଇଯାଇଛି। ଘରେ କେହି ନ ଥିବା ସମୟରେ ଏଭଳି କାଣ୍ଡ ଘଟିଛି। ଦାନଗଦି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ସବୁକିଛି ଜଳି ଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେଣୁ ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ବୁଲିଲା ଅର୍ପଣ ରଥ

ଛତିଆ,୮।୧(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକରେ ଅର୍ପଣ ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ଏହାର ଶୁଭାରମ୍ଭ କରିଛନ୍ତି। ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆ ବଟନିକଟରୁ ରଥ ପୂର୍ବାହ୍ନ ୧୧ଟାରେ ବାହାରି ଛତିଆ ସମେତ ଚମ୍ପାପୁର, ନେଳିଆ, ସୋଲର ଓ ବୈରୀ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଛତିଆବଟ ମଣିମା ପ୍ରଦ୍ୟୁମ୍ନ ଦାସ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାୟକ, ଅରବିନ୍ଦ ସାମଲ, ସହକାରୀ ବିଡିଓ ପ୍ରଧାନ ବାସୁଦେବ ସ୍ୱାଇଁ, ଛତିଆ ସମିତସଭ୍ୟ ଦୀପକ ସାହୁ, ଭାଗ୍ୟଧର ମଲିକ, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ସୋଲର ସରପଞ୍ଚ ବିଜୟ ସ୍ୱାଇଁ, ସମିତସଭ୍ୟ ସଞ୍ଜୟ ବେହେରା ଓ ମାଧବାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା କିଷାନ କଂଗ୍ରେସର ସଭାପତି ଘୋଷଣା

ଧର୍ମଶାଳା,୮।୧(ବଟକୃଷ୍ଣ ପରିଡ଼ା): ଯାଜପୁର ଜିଲା କିଷାନ କଂଗ୍ରେସର ସଭାପତି ଭାବେ ଧର୍ମଶାଳା ବ୍ଲକ ନରସିଂହପୁର ଗ୍ରାମର କୃଷକ ନେତା ବସନ୍ତ ପରିଡ଼ାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ କିଷାନ କଂଗ୍ରେସର ସଭାପତି ଅମିୟ ପଟ୍ଟନାୟକ ଏନେଇ ସୋମବାର ପତ୍ର ମାଧ୍ୟମରେ ଜଣାଇଛନ୍ତି। ପରିଡ଼ା ଦୀର୍ଘ ବର୍ଷ ହେଲା କଂଗ୍ରେସରେ ଥାଇ ବିଭିନ୍ନ କୃଷକ ସଙ୍ଗଠନରେ ରହି କୃଷକଙ୍କ ହିତ ପାଇଁ କାମ କରି ଲୋକପ୍ରିୟତା ହାସଲ କରିପାରିଛନ୍ତି। ନାମ ଘୋଷଣା ପରେ ସେ ପିସିସି ସଭାପତି ଶରତ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ଓ ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସୌରିକ ଯୁବ ମହୋତ୍ସବ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ମହୋତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ।



ମହୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କାଳିଆପାଣି,୮।୧(ଅସିତ ମହାନ୍ତ): ସୁକିନ୍ଦା ଖଣି ଅଞ୍ଚଳରେ ସୌରିକ ଯୁବ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସୁକିନ୍ଦା ମୂଳ ଅଧିବାସୀ ଶବର ସମ୍ପ୍ରଦାୟ ବା ସଉରାଙ୍କ ଇତିହାସ ପଟ୍ଟଚିତ୍ର ଏଠାରେ ପ୍ରଦର୍ଶିତ ହେଉଥିବା ମହୋତ୍ସବର ଉଦ୍ୟୋକ୍ତା ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି।

ପୂର୍ବାହ୍ନ ୧୧ଟାରେ କାଳିଆପାଣି ପଞ୍ଚାୟତ ପକ୍ଷରୁ ଟୋପି ପିନ୍ଧି ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରାଲି କରି ମହୋତ୍ସବ ସ୍ଥଳରେ ପହଞ୍ଚିଥିଲେ। ସେହିପରି କଅଁସ ପଞ୍ଚାୟତର କାଳିଆପାଣି ହନୁମାନ ମନ୍ଦିରଠାରୁ ୮ ଶହରୁ ଅଧିକ ମହିଳା ଓ ପୁରୁଷ ରାଲି କରିଥିଲେ। ଏଥିରେ ମା'କାଳୀଙ୍କ ମୃଣ୍ମୟୀ ପ୍ରତିମା ବେଶରେ ଜେଣ ସଜ୍ଜିତ ହୋଇ ଆସିଥିଲେ।

ଟିଙ୍ଗୁଡ଼ିପାଳ ପଞ୍ଚାୟତର ଶବର ସମ୍ପ୍ରଦାୟ ମହିଳା ପୁରୁଷ ମୁଣ୍ଡରେ ଜଳ କଳସି ନେଇ ଭଜନ କୀର୍ତ୍ତନ କରି ରାଲି କରିଥିଲେ। ରାସୋଳ ପଞ୍ଚାୟତର ମହିଳାମାନେ ମୁଣ୍ଡରେ ଧଳା ରଙ୍ଗର ଓଢ଼ଣି ଦେଇ ରାଲିରେ ସାମିଲ ହୋଇଥିବାବେଳେ ପୁରୁଷମାନେ ରାଲି କରି ଆସି ମହୋତ୍ସବସ୍ଥଳରେ ପହଞ୍ଚିଥିଲେ। କଙ୍କଡ଼ପାଳ, କୁହିକା, ପିମ୍ପୁଡ଼ିଆ, ବନ୍ଧଗାଁ, ଦୁଧଜୁରି ପଞ୍ଚାୟତର ହଜାରହଜାର ମହିଳା ଓ ପୁରୁଷ ରାଲି କରି ମହୋତ୍ସବ ସ୍ଥଳରେ ପହଞ୍ଚି ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି କରିଥିଲେ।

ସନ୍ଧ୍ୟାରେ ମନ୍ତ୍ରୀ ଘଡ଼ାଇ ଓ ସୁକିନ୍ଦା ରାଜା ଶ୍ରୀଶ୍ରୀ ଭୂପତି ଭୁଦେବ ଶ୍ରୀଚନ୍ଦନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ନବପଲ୍ଲୀ ଓ ପଲ୍ଲୀ ସୌରିକ ଅଞ୍ଚଳର ଗଣ୍ଡିବର ୧୨ ପ୍ରଧାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ସର୍ବବ୍ୟବସ୍ଥା ପ୍ରମୁଖ ତଥା ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟ ଜେମା ଚାଖି, କାଳିଆ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଦ୍ୟାଧର ପାତ୍ର, ସୁକିନ୍ଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଯୁବନେତା ପ୍ରଭାତ ପ୍ରଧାନ, ଓଡ଼ିଶା ଖଣି ନିଗମ ଶୁକୁରଙ୍ଗୀ ଖଣି ପରିଚାଳକ ମନୋଜ ସେଠୀ, କାଳିଆପାଣି ଖଣି ପରିଚାଳକ ସତ୍ୟଶିବ ଦାସ, ଦକ୍ଷିଣ କାଳିଆପାଣି ଖଣି ପରିଚାଳକ ଗଣେଶ୍ୱର ଭୂୟାଁ, ଟାଟାଷ୍ଟିଲ ଖଣିର ସହ ପ୍ରଶାସନିକ ମୁଖ୍ୟ ସଞ୍ଜୀବ ସାହୁ, ଇମ୍ଫା କମ୍ପାନୀର ଲୋକ ସମ୍ପର୍କ ବିଭାଗ ମୁଖ୍ୟ ପ୍ରଭାତ ସିଂ, ବରିଷ୍ଠ ଅଧିକାରୀ ମିଳନ ରଞ୍ଜନ କର ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶୀ ନୃତ୍ୟ, ପ୍ରଜ୍ଞା, ଶଙ୍କର କମେଡି ଓ ହ୍ୟୁମାନ ସାଗରଙ୍କ ସଙ୍ଗୀତରେ ଉପସ୍ଥିତ ଦର୍ଶକ ମତୁଆଲା ହୋଇଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୃଦ୍ଧାଙ୍କ ମୃତ୍ୟୁ

ଝୁମ୍ପୁରୀ,୮।୧(ସରୋଜ ନାୟକ): ଦଶରଥପୁର ବ୍ଲକ୍ କମାରଢ଼ିହି ପଞ୍ଚାୟତ ଇଟାପଡ଼ା ଗ୍ରାମରେ ସୋମବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଲକ୍ଷ୍ମୀପ୍ରିୟା ବାରିକ(୬୬)। ସେ ଘର ବାରିପଟେ ଝାଡୁ ମାରୁଥିବାବେଳେ ଘର ପାଖ ଦେଇ ଯାଇଥିବା ବିଦ୍ୟୁତ୍ ତାର କୌଣସି କାରଣ ବଶତଃ ଛିଡ଼ି ତଳେ ପଡ଼ିଥିଲା। ବୃଦ୍ଧା ଜଣକ ତାର ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଗ୍ରାମରେ ବାରମ୍ବାର ବିଦ୍ୟୁତ୍ ତାର ଛିଡ଼ିବା ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହ କେବୁଲ ତାର ଟାଣିବା ପାଇଁ ଦାବି କରିଥିଲେ। କିନ୍ତୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିବାରୁ ଏପରି ଅଘଟଣ ଘଟିଛି ବୋଲି ଅଭିଯୋଗ ହୋଇଛି। ଏନେଇ ବୃଦ୍ଧାଙ୍କ ନାତି ସୁଜିତ୍ ବାରିକ ମଙ୍ଗଳପୁର ଥାନାରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ବିଭାଗର ଖମଖିଆଲି ନୀତି ଯୋଗୁ ଲକ୍ଷ୍ମୀପ୍ରିୟାଙ୍କ ଜୀବନ ଚାଲିଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ବିଭାଗ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ଶୀଘ୍ର ଗ୍ରାମରେ କେବୁଲ ଲାଇନ୍ ସଂଯୋଗ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବିଞ୍ଝାରପୁର,୮।୧(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ କଏଣା-ରଘୁନାଥପୁର ପଞ୍ଚାୟତର ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଜିଲା ସମାଜ ମଙ୍ଗଳ ଅଧିକାରୀ ରବୀନ୍ଦ୍ର ଦାସ, ବିଡିଓ ଦିବ୍ୟେନ୍ଦୁ ଦାସ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସେକ୍ ଇର୍ସାଦ, କଏଣା ରଘୁନାଥପୁର ସରପଞ୍ଚ ନିଶିପ୍ରଭା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଶିବିରରେ ୩୮୦ଜଣ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିବାବେଳେ ୩୬୧ଜଣଙ୍କୁ ସୁଯୋଗ ମିଳିଥିଲା। ଦିବ୍ୟାଙ୍ଗ ଓ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ମାନୁଆଲ ପ୍ରମାଣପତ୍ର ପରିବର୍ତ୍ତନ କରି ପରେ ଅନଲାଇନ ପ୍ରମାଣ ପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଜିଲା ସଦର ମହକୁମାର ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ, କର୍ଣ୍ଣ, ନାଶା ଓ ଗଳା ବିଭାଗ ବିଶେଷଜ୍ଞ, ମାନସିକ ଚିକିତ୍ସା ବିଶେଷଜ୍ଞ, ଶ୍ରବଣଶକ୍ତି ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଚକ୍ଷୁ ବିଶେଷଜ୍ଞଙ୍କ ସମେତ ୭ ଜଣିଆ ଡାକ୍ତରୀ ଟିମ ଆସି ଭିନ୍ନକ୍ଷମ ରୋଗୀଙ୍କୁ ଚିକିତ୍ସା କରିବାକୁ ପରାମର୍ଶ ଦେବାସହ ସେମାନଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ୫ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ଓ ଅନ୍ୟ ୨୧ ଜଣଙ୍କୁ ଅଧ୍ୟକ୍ଷା ଦାସ ଶ୍ରବଣ ଯନ୍ତ୍ର, ହୁଇଲଚେୟାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଶିବିରକୁ ଆସିଥିବା ଦିବ୍ୟାଙ୍ଗ ଓ ସେମାନଙ୍କ ପରିବାର ସଦସ୍ୟ।

## ବାଜାବାଟି କଳା ପଥର ଖାଦାନରେ ଚଢ଼ାଉ

ଧର୍ମଶାଳା,୮।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜାବାଟି କଳା ପଥର ଖାଦାନରେ ସୋମବାର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟବହୃତ ବ୍ଲାଷ୍ଟିଂ ସାମଗ୍ରୀ ଜବତ କରାଯାଇଛି। ବେଆଇନଭାବେ ଖନନ ହେଉଥିବା ଖବର ପାଇ ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ଭବେଶ ମାଝି, ସୁପରଭାଇଜର ସୁଜିତ ସାମଲ, ଆର୍‌ଆଇ ନିରୀକ୍ଷକ ଚନ୍ଦନ ସାହୁ ଓ ଏଆରଆଇ ଜଗବନ୍ଧୁ ଜେନା ପ୍ରମୁଖ ଚଢ଼ାଉ କରିଥିଲେ। ଏହି ସମୟରେ ବ୍ଲାଷ୍ଟିଂ କରୁଥିବା ମାଫିଆମାନେ ଚମ୍ପଟ ମାରିଥିଲେ। ବାଜାବାଟି କଳାପଥର ଖାଦାନରେ ୧, ୩, ୪ ଓ ୫ ନମ୍ବର ଖାଦାନ ନିଲାମ ହୋଇନାହିଁ। ହେଲେ ମାଫିଆମାନେ ବେଆଇନ ଭାବେ କଳାପଥର ଉତ୍ତୋଳନ କରି ଅନ୍ୟତ୍ର ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଛି। ଶନିବାର ଏଠାରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୨ ଟ୍ରାକ୍ଟର ଜବତ କରାଯାଇବା ସହ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ସଚେତନତା

ବରୀ,୮।୧(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ ସଭାପତିତ୍ୱ କରିଥିଲେ। ମହିଳା ସଂଘର ଟ୍ରେନର ଯୋଛନା ରାଣୀ ନାଥଶର୍ମା, ଗୀତାଞ୍ଜଳି ପରିଡ଼ା, ପ୍ରଭାସିନୀ ମୁଦୁଲି ଯୋଗଦେଇ ବ୍ଲକର ୧୫ ପଞ୍ଚାୟତରୁ ଚାରି ଜଣ ଲେଖାଏ ସ୍ୱୟଂସହାୟିକା ଗୋଷ୍ଠୀ ସଭ୍ୟାଙ୍କୁ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ତାଲିମ୍ ଦେଇଥିଲେ। କୌଣସି ପରିବାର ଯେଭଳି ଉକ୍ତ ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେ କ୍ଷେତ୍ରରେ ମହିଳା ସଂଘ ସଭ୍ୟାମାନେ ପ୍ରତି ପରିବାରକୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ତାଲିମଦାତାମାନେ ଉପସ୍ଥିତ ସଭ୍ୟାମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଜେକ୍ଟ କୋଡିନେଟର ସଂଗ୍ରାମ ବେହେରା, ବ୍ଲକ ଆକାଉଣ୍ଟାଣ୍ଟ ରତିକାନ୍ତ ଜେନା, ବିପିଏମ ଅନିରୁଦ୍ଧ ସାହୁ, ମହିଳା ଓ ଶିଶୁ ବିକାଶ ଅଧିକାରୀ ସଂଗୀତା ଓଡ଼ା ଯୋଗଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ସଫଳ ରୂପାୟନ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ମିଶନଶକ୍ତିର ନେତ୍ରୀ ଯୋଛନା ରାଣୀ ନାଥଶର୍ମା ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଅଭିଜ୍ଞତା ହାସଲ ପାଇଁ ଦୁବାଇ ଯାଇ ଯାଜପୁର ଜିଲା ଓ ବରୀ ଅଞ୍ଚଳ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିପିଏମ ସାହୁ ଧନ୍ୟବାଦ ଦେଇଥିଲେ।

## ଟାଏକୋଣ୍ଡୋରେ ଧର୍ମଶାଳା ପ୍ରତିଯୋଗୀଙ୍କ କୃତିତ୍ୱ




କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ।

ଧର୍ମଶାଳା/କାଏମା,୮।୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି): ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ୩୫ତମ ସିନିୟର, ୩୬ତମ ଜୁନିୟର ଓ ୨ୟ ସୁପର୍ ସବ ଜୁନିୟର ଟାଏକୋଣ୍ଡୋ ଚାମ୍ପିୟନଶିପ ପ୍ରତିଯୋଗିତା ପୁରୀ ରାଣୀସତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀରୁ ୧୦ ଜଣ ଖେଳାଳି ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ସିନିୟର୍ ମହିଳା ବିଭାଗ ମଧ୍ୟରେ ୭୩ କେଜିରେ ନୀହାରିକା ପଣ୍ଡା ସ୍ୱର୍ଣ୍ଣ, ୫୩ କେଜିରେ ସିପ୍ରା ଦାସ ରୌପ୍ୟ, ୬୨ କେଜିରେ ପ୍ରୀତିଲତା ସେଠୀ କାଂସ୍ୟ ଓ ସିନିୟର୍ ପୁରୁଷ ବିଭାଗର ୮୦ କେଜିରେ ସମର ସିଂହ ସ୍ୱର୍ଣ୍ଣ, ୬୮ କେଜିରେ ମନୋଜ ରାଉତ ରୌପ୍ୟ, ୭୪ କେଜିରେ ବିଶ୍ୱରଂଜନ ସେଠୀ କାଂସ୍ୟ ପଦକ ହାସଲ କରିଛନ୍ତି। ଜୁନିୟର ବାଳକ ୬୩ କେଜିରେ ଶିବଶମ୍ଭୁ ସାମଲ ରୌପ୍ୟ ଓ ସୁପର୍ ସବ ଜୁନିୟର ବାଳକ ୨୨ କେଜିରେ ନୀତେଶ ସାହୁ ସ୍ୱର୍ଣ୍ଣ, ୩୪ କେଜିରେ ଓମ୍ ସାଇ ସ୍ୱରୂପ ସ୍ୱର୍ଣ୍ଣ ଓ ଦିଶାନ୍ତ ରଞ୍ଜନ ସାମଲ ରୌପ୍ୟ ପଦକ ହାସଲ କରିଛନ୍ତି। ଇଣ୍ଡିଭିଜୁଆଲ ପୁମ୍ସିରେ ସୁପର୍ ସବ ଜୁନିୟର ବିଭାଗରେ ନୀତେଶ ସାହୁ ସ୍ୱର୍ଣ୍ଣ, ଟିମ୍ ପୁମ୍ସିରେ ଓମ୍ ସାଇ ସ୍ୱରୂପ, ନୀତେଶ ସାହୁ ଓ ଦିଶାନ୍ତ ରଞ୍ଜନ ସାମଲ କାଂସ୍ୟ ପଦକ ହାସଲ କରିଛନ୍ତି। ସିନିୟର୍ ମହିଳା ଓ ସିନିୟର୍ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସମର ସିଂହ ଓ ନିହାରିକା ପଣ୍ଡା ଚଳିତ ମାସ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ବିକାନେରଠାରେ ହେବାକୁ ଥିବା ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ପଦକ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଜିଲା ଟାଏକୋଣ୍ଡୋ ଆସୋସିଶନ ସଭାପତି କର୍ଣ୍ଣାଟ କେଶରୀ ଦାସ, ସମ୍ପାଦକ ଯଯାତି କେଶରୀ ଧଳ, ମୁଖ୍ୟ ପ୍ରଶିକ୍ଷକ ସମର ସିଂହ ଓ ଟିମ୍ ମ୍ୟାନେଜର ସନ୍ତୋଷ ସାହୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଯୋଗିତା ଚଳିତ ମାସ ୬ ଓ ୭ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ ଜିଲାର ୪୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଓ ବାଳିକାବାଳକ ଅଂଶଗ୍ରହଣ କରିଥିଲେ।

## ରାଶନକାର୍ଡଧାରୀଙ୍କୁ ରିଟେଲରଙ୍କ ଧମକ ଅଭିଯୋଗ

ରସୁଲପୁର,୮।୧(ରଞ୍ଜୀତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତ ରିଟେଲର ଦାୟିତ୍ୱରେ ଥିବା ସିଂହାପୁର ପଞ୍ଚାୟତର ଅଜିତ ସ୍ୱାଇଁ ରାଶନକାର୍ଡଧାରୀଙ୍କୁ ଧମକ ଚମକ ଦେଉଛନ୍ତି। ଏପରି କି ତାଙ୍କ ନିକଟରୁ ରାଶନ ସାମଗ୍ରୀ ନ ଉଠାଇଲେ ସେ କାର୍ଡ କାଟିବା ସହ କେତେକ ମଦ୍ୟପ ବ୍ୟକ୍ତିଙ୍କୁ ବ୍ୟବହାର କରି କାର୍ଡଧାରୀଙ୍କୁ ଗାଳିଗୁଲଜ କରାଉଛନ୍ତି ବୋଲି ବିଡିଓ ଅବନିକାନ୍ତ ସାହୁଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ୨୦୧୯ରେ କଲଣ ପଞ୍ଚାୟତର ୩ ରିଟେଲରଙ୍କ ଲାଇସେନ୍ସ ବାତିଲ କରି ଦିଆଯାଇଥିଲା। ରିଟେଲରମାନେ ଅନିୟମିତତା କରିଥିବା ଜଣାପଡିବା ପରେ ଯାଜପୁର ଉପଜିଲାପାଳଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିଲା। ସେହି ସମୟରେ ପଞ୍ଚାୟତ ଲୋକଙ୍କୁ ରାଶନ ସାମଗ୍ରୀର ସୁଷମ ବଣ୍ଟନ ଦାୟିତ୍ୱ ସିଂହାପୁର ପଞ୍ଚାୟତର ରିଟେଲର ସ୍ୱାଇଁଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ସେବେଠାରୁ କଲଣ ପଞ୍ଚାୟତର ହିତାଧିକାରୀ ସଂପୃକ୍ତ ରିଟେଲରଙ୍କ ପାଖରୁ ସାମଗ୍ରୀ ଉଠାଇ ଆସୁଛନ୍ତି। ଏହାରି ଭିତରେ କଲଣ ପଞ୍ଚାତୟରେ ନୂତନ ରିଟେଲରଙ୍କୁ ନିଯୁକ୍ତି ଦିଆଯାଇଛି। ହିତାଧିକାରୀ ନୂତନ ରିଟେଲରଙ୍କଠାରୁ ସାମଗ୍ରୀ ଉଠାଇବାକୁ ଇଚ୍ଛା ପ୍ରକଟ କରୁଛନ୍ତି। ହେଲେ ଏହାକୁ ରିଟେଲର ସ୍ୱାଇଁ ବିରୋଧ କରିବା ସହ ତାଙ୍କ ନିକଟରୁ ସମାଗ୍ରୀ ନ ଉଠାଇଲେ ହିତାଧିକାରୀଙ୍କ ରାଶନକାର୍ଡ କାଟି ଦେବେ ବୋଲି ଧମକ ଦେଉଛନ୍ତି। ଏଥିରେ ଅରାଜି ହେବାରୁ ସେ ଶତ୍ରୁଘ୍ନ ଖୁଣ୍ଟିଆଙ୍କ ନାମକୁ କାର୍ଡରୁ କାଟି ଦେଇଛନ୍ତି ବୋଲି ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ଏହାଛଡା ସେ ମୃତକଙ୍କ ନାମରେ ବର୍ଷବର୍ଷ ଧରି ଚାଉଳ ଉଠାଉଛନ୍ତି। ରିଟେଲର ଦୋକାନ ମନ ଇଚ୍ଛା ଖୋଲୁଛନ୍ତି। ହିତାଧିକାରୀଙ୍କୁ ଠିକ୍ ଭାବରେ ସେବା ପ୍ରଦାନ କରୁ ନ ଥିବା ଆଦି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଡିଓ ସାହୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ରିଟେଲରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଧାନମଣ୍ଡି ଉଦ୍‌ଘାଟିତ

ବାଲିଚନ୍ଦ୍ରପୁର,୮।୧(ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତି ସମ୍ପାଦକ ଜୟଶ୍ରୀ ଦାସ ମଣ୍ଡିରେ ଧାନ କ୍ରୟର ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ଉପସଭାନେତ୍ରୀ କଳ୍ପନା ପଣ୍ଡା, ସଦସ୍ୟ ସେକ୍ ଇମାଉଦ୍ଦିନ୍, ସେକ୍ ଜିଆୱାଲା, ଅନନ୍ତ ସିଂହ, ଭିମସେନ୍ ରାଉତ, ମାନସ ରଞ୍ଜନ ସାମଲ, କୋତବୁଦ୍ଦିନ୍ ଖାଁ, ମନ୍ମଥ ନାୟକ, ହିମାଂଶୁ ଶେଖର ଦାସ, ନିରୋଦ ଚନ୍ଦ୍ର ସେନାପତି, ମାନସ ରଞ୍ଜନ ସାମଲ, ହିମାଂଶୁ ଶେଖର ବଳ, ଜାନକୀ ନାୟକ, ନାରାୟଣ ଦଳେଇ, ଚନ୍ଦ୍ରଶେଖର ଦଳେଇ, ସହସମ୍ପାଦକ ମନୋଜ ମହାରଣା, ସହଦେବ ଜେନା, ସହଯୋଗୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଐତିହ୍ୟ, ସଂସ୍କୃତି ଆମ ପରିଚୟ: ପର୍ଯ୍ୟଟନ ମନ୍ତ୍ରୀ

### ବଡ଼ଚଣା ମହୋତ୍ସବ ଉଦ୍‌ଘାଟିତ

ଚଣ୍ଡିଖୋଲ,୮।୧(ପ୍ରଦୀପ୍ତ କୁମାର ପୃଷ୍ଟି): ମଣିଷର କର୍ମମୟ ଜୀବନରେ କିଛି ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ଆନନ୍ଦ ଉପଭୋଗ କରିବା ପାଇଁ ମହୋତ୍ସବର ଆବଶ୍ୟକତା ଅଛି। ଏହା ପ୍ରତ୍ୟେକ ସ୍ଥାନରେ ହେବା ଉଚିତ୍। ବଡ଼ଚଣା ମାଟି ଐତିହ୍ୟର ମାଟି। ଏଠାରେ ଭଗବାନ ବୁଦ୍ଧଙ୍କ ବାଣୀ ନିନାଦିତ ହୁଏ। ଏଠି ପ୍ରସିଦ୍ଧ ମହାବିନାୟକ ପୀଠ ଓ ମାତା ଚଣ୍ଡୀଙ୍କ ମନ୍ଦିର ଆମ ସଂସ୍କୃତିର ପରିଚୟ। ଏହିଐତିହ୍ୟ ସଂସ୍କୃତିକୁ ନେଇ ଆମେ ପରିଚୟ ତିଆରି କରିଛେ, ଯାହା ଆଜିର ମହୋତ୍ସବରେ ପ୍ରତିପାଦିତ ହୋଇଛି ବୋଲି ସୋମବାର ୮ମ ବଡ଼ଚଣା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏକଥା ପ୍ରକାଶ କରିଛନ୍ତି। ମହୋତ୍ସବ ସଭାପତି ମନୋରମା



ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବଡ଼ଚଣା ମାଟି ଏକ ଐତିହ୍ୟ ଓ ସାଧୁ ସନ୍ଥଙ୍କ ମାଟି ଭାବେ ପରିଚିତ। ଗୋଟିଏ ପଟରେ ମହାପୁରୁଷ ହାଡ଼ି ଦାସଙ୍କ ପୀଠ ରହିଥିବାବେଳେ ବଡ଼ଚଣାର ଶେଷ ମୁଣ୍ଡରେ ମହାପୁରୁଷ ଅରକ୍ଷିତ ଦାସଙ୍କ ପୀଠ ଓଳାଶୁଣୀ ପୀଠ ଭାବରେ ସାରା ଓଡ଼ିଶାରେ ପରିଚିତ ଲାଭ କରିଛି। ଏହି ମହୋତ୍ସବ ଦ୍ୱାରା ଆମ ମାଟିର ବାସ୍ନାକୁ ଆମେ ବିଶ୍ୱରେ ପରିଚୟ ଦେଇପାରିବା। ସମ୍ମାନିତ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ମାତ୍ର ଆଠ ବର୍ଷ ତଳେ ଆରମ୍ଭ ହୋଇଥିବା ମହୋତ୍ସବ ଆଜି ଏକ ବିରାଟ ଉତ୍ସବରେ ପରିଣତ ହୋଇଛି। ଏହାଦୀର୍ଘାୟୁ ହେଉ ଏବଂ ଏହାର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ। ମହୋତ୍ସବ କମିଟି ସମ୍ପାଦକ ଦିଲୀପ କୁମାର ଚୌଧୁରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ବଳରାମ ରଣା। ଏହି ଅବସରରେ ଶିଶୁ ଯତ୍ନଗୃହର ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ବଡ଼ଚଣା ଥାନାଅଧିକାରୀ ଶରତ ଚନ୍ଦ୍ର ପାତ୍ର, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ପ୍ରମୋଦିନି ସାହୁ, ବୈରୀ ଥାନାଅଧିକାରୀ ଶରତ କୁମାର ନାୟକ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ମାନସ କୁମାର ତ୍ରିପାଠୀ, ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ, ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ବିଦ୍ୟୁତ ଉପଖଣ୍ଡ ଅଧିକାରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ସଂକ୍ଷେପରେ**

## ୨୩ ଦିନ ପରେ ଫେରିଲା ଓଡ଼ିଆ ଯୁବକଙ୍କ ମୃତଦେହ

ଆଳି,୮।୧ (ବନମାଳୀ ସେନାପତି)

ଦକ୍ଷିଣ ଆଫ୍ରିକାର କଙ୍ଗୋ ସହରକୁ ପାଣି ପାଇପ କାମ କରିବାକୁ ଯାଇ ସେଠାରେ ଆଳି ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଦିବାକର ଜେନାଙ୍କ ମୃତ୍ୟୁର ୨୩ ଦିନ ପରେ ଘରକୁ ସୋମବାର ମୃତଦେହ ଆସିଛି। ଘରର ଏକମାତ୍ର ରୋଜଗାରିଆ ପୁଅ ମୃତ୍ୟୁରେ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। ଏହି ଖବର ପାଇ ମୃତ ଦିବାକରଙ୍କ ପରିବାର ନିକଟରେ ସରପଞ୍ଚ ରେଶ୍ମାରାଣୀ ମଲ୍ଲିକ,ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା,ଭାଜପା ନେତା ବ୍ରଜ ସୁନ୍ଦର ଭୂୟାଁ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ପ୍ରିୟବ୍ରତ ପାତ୍ର ପ୍ରମୁଖ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

ସୂଚନା ଅନୁଯାୟୀ, ମାନପୁର ଗ୍ରାମର ଦିବାକର ଜଣେ ଦଲାଲଙ୍କ ମାଧ୍ୟମରେ ୭ ମାସ ପୂର୍ବେ ପାଣି ପାଇପ ମିସ୍ତ୍ରି ଭାବେ ଦକ୍ଷିଣ ଆଫ୍ରିକାର କଙ୍ଗୋକୁ ଯାଇଥିଲେ। ସେଠାରେ କାମ କରୁଥିଲା ବେଳେ ୨୩ ଦିନ ପୂର୍ବେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଘରକୁ ଫୋନ ଆସିଥିଲା। ଦିବାକରଙ୍କ ମୃତଦେହକୁ ଭାରତ ଫେରାଇ ଆଣିବା ନିମନ୍ତେ ପ୍ରଶାସନିକ ସ୍ତରରେ ସହଯୋଗ ଲାଗି ପରିବାର ଲୋକ ଓ ଗ୍ରାମବାସୀ ଗୁହାରି କରିଥିଲେ। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଦିବାକରଙ୍କ ମୃତଦେହ ଘରକୁ ଫେରିଛି। ଏ ନେଇ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା କହିଛନ୍ତି ଯେ, ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଯୁବକମାନଙ୍କୁ ଚାକିରି ଦେବେ ବୋଲି ଘୋଷଣା କରୁଥିବା ବେଳେ ସେଥିରେ ସକ୍ଷମ ହେଉନାହାନ୍ତି। ଫଳରେ ରାଜ୍ୟର ପ୍ରତି ଗାଁରେ ଏଭଳି ଯୁବକମାନେ ରୋଜଗାର ନ ପାଇ ବିଦେଶ ଯାଇ କାମ କରୁଛନ୍ତି। ଏଭଳି ଭାବେ ସେଠାରେ ନିର୍ଯ୍ୟାତନା ପାଇବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି।

## ଗହୀରମଥାରୁ ୩ ଟ୍ରଲର ଜବତ, ୨୪ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୮।୧ (ଭାସ୍କର ରାଉତରାୟ)

ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ୩ଟି ଟ୍ରଲର ଜବତ କରିବା ସହ ୨୪ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଫୁଲ୍ଲ ମାଝି, ମଦନ ମୋହନ ହାଁସଦା, ସୁରେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ବନ କର୍ମଚାରୀ ମଦାନୀ, ମା'ଦୁର୍ଗା-୨, କାବେରୀ ନାମକ ୩ଟି ଟ୍ରଲର ଜବତ କରିବା ସହ ଏଥିରେ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜବତ ୩ଟି ଟ୍ରଲରରୁ ୭ଟି ଭିଏଚଏଫ, ୪ଟି ଜିପିଏସ୍, ୩ଟି ଫିସ୍ ଫାଇଣ୍ଡର, ୩୧ଟି ଟ୍ରଲିଂ ନେଟ ଓ ୪୭ କୁଇଣ୍ଟାଲ ସାମୁଦ୍ରିକ ମାଛ ଜବତ କରାଯାଇଛି।

## ଡେରାବିଶ ବ୍ଲକ ଉପାଧ୍ୟକ୍ଷଙ୍କ ମାତୃ ବିୟୋଗ

ଡେରାବିଶ, ୮।୧ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟଙ୍କ ମା' ହେମଲତା ଆଚାର୍ଯ୍ୟ (୮୬)ଙ୍କର ସୋମବାର ଅପରାହ୍ଣରେ ପରଲୋକ ହୋଇଛି। ବୟସାଧିକ କାରଣରୁ ଦୁଇଦିନ ହେବ ଅସୁସ୍ଥ ଥିବାବେଳେ ବ୍ଲକ ଅଧୀନ ରତାଦିଆ ଖଣ୍ଡସାହି ପଞ୍ଚାୟତ କାଦୁଅସ୍ଥିତ ବାସଭବନରେ ପରଲୋକ ହୋଇଛି। ହେମଲତା ଜଣେ ଧର୍ମ ପରାୟଣା, ମେଳାପି, ପରୋପକାରୀ ମିଷ୍ଟଭାଷୀ ମହିଳା ଥିଲେ। ଏହି ଖବର ପ୍ରଚାରିତ ହେବା କ୍ଷଣି ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲଙ୍କ ସମେତ ବ୍ଲକ ଅଞ୍ଚଳର ବହୁ ସରପଞ୍ଚ, ସମିତିସଭ୍ୟ, ବିଜେଡି ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚ ହେମଲତା ମରଶରୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ହେମଲତା ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ପ୍ରମୁଖ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ଏକ ଶୋକାକୁଳ ପରିବେଶରେ ସ୍ୱର୍ଗତ ହେମଲତାଙ୍କୁ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ହେମଲତା ପୁଅ ବୋହୂ, ଝିଅଜ୍ୱାଇଁ ଓ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# କିଷାନ କ୍ରେଡିଟ୍ କାର୍ଡ ମତ୍ସ୍ୟଜୀବୀଙ୍କ ଅଧିକାର

**ସାଗର ପରିକ୍ରମା ଯାତ୍ରା-୨୦୨୪ କାର୍ଯ୍ୟକ୍ରମ**

■ କେନ୍ଦ୍ରମନ୍ତ୍ରୀ ମତ୍ସ୍ୟଜୀବୀଙ୍କ ଘରେ ପଇଡ଼ପାଣି, ଚା ପିଇଲେ

ମହାକାଳପଡ଼ା, ୮।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଖରିନାସୀ ଜେଠିରେ ସାଗର ପରିକ୍ରମା ଯାତ୍ରା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ରୂପାଲା ଓ ଅତିଥିମାନେ।

କେନ୍ଦ୍ରାପଡ଼ା ଜିଲା ଗସ୍ତରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଗୋପାଳନ ମନ୍ତ୍ରୀ ପରଷୋତ୍ତମ ରୂପାଲା ସୋମବାର ଆସି ଅଚାନକ ମହାକାଳପଡ଼ା ବ୍ଲକ ମତ୍ସ୍ୟଜୀବୀଙ୍କ ଚାଳଘରେ ପହଞ୍ଚି ଚା ଓ ପଇଡ଼ପାଣି ପିଇ ଆତିଥ୍ୟ ଗ୍ରହଣ କରି ଖୁସି ବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରୂପାଲାଙ୍କ ଉପସ୍ଥିତିରେ ବ୍ଲକର ଖରିନାସୀ ମତ୍ସ୍ୟଜେଠିରେ ସାଗର ପରିକ୍ରମା ଯାତ୍ରା-୨୦୨୪ର ୧୧ତମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ରୂପାଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୁଦ୍ର ଉପକୂଳ ଅଞ୍ଚଳରେ ବସବାସ କରୁଥିବା ସମସ୍ତ ମତ୍ସ୍ୟଜୀବୀ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ କିଷାନ କ୍ରେଡିଟ କାର୍ଡ ଅଧିକାର ରହିଛି ବୋଲି କହିଛନ୍ତି। ସାମୁଦ୍ରିକ ଝଡ଼ ବର୍ଷାରେ ଜୀବନକୁ ବାଜି ଲଗାଇ ମତ୍ସ୍ୟଜୀବୀମାନେ ମାଛ ଧରି ଜୀବିକା ନିର୍ବାହ କରନ୍ତି। ତେବେ କିଶାନ କ୍ରେଡିଟ କାର୍ଡରେ ବିନା ସୁଧରେ ଋଣ ନେଇ ମାଛ ଚାଷ, ଗୋ ପାଳନ, ଜାଲ, ଡଙ୍ଗା, ବରଫ ଉତ୍ପାଦନ ଆଦି କରି ଭଲ ଦୁଇ ପଇସା ରୋଜଗାର କରିପାରିବେ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ରୂପାଲା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ୬ ଜଣ ସଫଳ ମତ୍ସ୍ୟ ହିତାଧିକାରୀଙ୍କୁ କିଷାନ କ୍ରେଡିଟ୍ କାର୍ଡ ବଣ୍ଟନ କରିଥିଲେ। ଏହି ସାଗର ପରିକ୍ରମା ଯାତ୍ରା କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହଧର୍ମିଣୀ ସବିତା ବେନ୍ ରୂପାଲା, ବିଭାଗୀୟ ଯୁଗ୍ମ ସଚିବ ମିସ୍ ନେତୁ କୁମାରୀ ପ୍ରସାଦ, ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦ ଅଧିକାରୀଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ବିଡିଓ ସାଗର କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀଙ୍କ ସହ ଭାଜପାର ବରିଷ୍ଠ ନେତୃମଣ୍ଡଳୀଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ଜିଲା ସଭାପତି କିଶୋର ପଣ୍ଡା, ଭାଜପା ପ୍ରବକ୍ତା ସଞ୍ଜୟ ରଥ, ଡ. ଦୁର୍ଗାପ୍ରସନ୍ନ ନାୟକ, ପୂର୍ବତନ ସାଂସଦ ବିଭୁପ୍ରସାଦ ତରାଇ, ନାରୀ ନେତ୍ରୀ ଜାନକୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ରୂପାଲା କାର୍ଯ୍ୟକ୍ରମ ସାରି ଫେରିବା ବାଟରେ ଅଚାନକ ଖରିନାସୀ ଗ୍ରାମର ମତ୍ସ୍ୟଜୀବୀ ଭବେନ ମଣ୍ଡଳଙ୍କ ଘରେ ପହଞ୍ଚି ଦୁଃଖ ସୁଖ ପଚାରି ବୁଝିଥିଲେ। ପରେ ପରିବାର ଲୋକମାନେ ମନ୍ତ୍ରୀଙ୍କୁ ଦେଖି ଆଚମ୍ଭିତ ହୋଇଥିଲେ। ଫୁଲଚନ୍ଦନ ଦେଇ ସ୍ୱାଗତ କରିବା ସହ ହଳଦୀପାଣିରେ ପାଦ ଧୋଇଦେଇଥିଲେ। ଅତିଥିଙ୍କୁ ପଇଡ଼ପାଣି ଓ ଚା' ଦେଇ ଆପ୍ୟାୟିତ କରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ସ୍ଥାନୀୟ ରାମନଗର ସ୍ଥିତ ମା' ରାମଚଣ୍ଡୀ ମନ୍ଦିର ଦର୍ଶନକରି ଆଶିଷ ଭିକ୍ଷା କରିଥିଲେ। ଏହି ଅବସରରେ ରାମଚଣ୍ଡୀ ସେନା ପକ୍ଷରୁ ମନ୍ଦିର ଉନ୍ନୟନ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାସ ପ୍ରମୁଖ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ମତ୍ସ୍ୟଜୀବୀମାନେ ଉପସ୍ଥିତ ଥିଲେ।

# ତ୍ୟାଗ ତିତୀକ୍ଷା ଉପରେ ପ୍ରତିଷ୍ଠିତ ଅନୁଷ୍ଠାନ ଦୀର୍ଘଜୀବୀ ରହେ

ମାର୍ଶାଘାଇ,୮।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ତ୍ୟାଗ ତିତୀକ୍ଷା ଉପରେ ଗଢ଼ି ଉଠିଥିବା ଶିକ୍ଷାନୁଷ୍ଠାନ ହେଉ ଅବା ସାମାଜିକ ବା ଧାର୍ମିକ ଅନୁଷ୍ଠାନ ସର୍ବଦା ଦୀର୍ଘଜୀବୀ ହୋଇଥାଏ ବୋଲି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମତ ପ୍ରକାଶ କରିଛନ୍ତି। ସୋମବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠର ପ୍ଲାଟିନମ ଜୁବୁଲି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାୟକ କହିଥିଲେ, ପୂର୍ଣ୍ଣମା ଚିନ୍ତାମଣି ଗୁରୁଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଏହାର ନାମକୁ ଆହୁରି ଉଜ୍ଜଳ କରି ଆଗକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ତଥା ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଗ୍ରନ୍ଥକାର ଶ୍ରୀରାମ ଦାଶ ଯୋଗଦେଇଥିଲେ। ସେ କହିଥିଲେ ଆଜିର ପିଲାମାନେ ପାଠ ପଢି ଉଚ୍ଚ ପଦ ପଦବୀରେ ରହି ଗାଁ ମାଟି ପାଣି ପବନକୁ ଭୁଲି ଯାଉଛନ୍ତି। ତେଣୁ ସେମାନେ ଆଜିର ପରିବର୍ତ୍ତନର ପ୍ରବାହରେ ନିଜର ନୈତିକତାକୁ ବଜାୟ ରଖି ମା' ମାଟି ମନସ୍କ ହୋଇ ଦେଶ ଜାତି ଗଠନରେ କାମ କଲେ ସେମାନଙ୍କର ଶିକ୍ଷାର ମହତ୍ୱ ଆହୁରି ବୃଦ୍ଧି ପାଆନ୍ତା। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଧ୍ରୁବ ଚରଣ ଜେନା, ପୁରାତନ ଛାତ୍ର ତଥା ସାମାଜିକ କର୍ମୀ ଉମାକାନ୍ତ ଦାସ, ସରପଞ୍ଚ ପ୍ରଭାତ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ବିଶିଷ୍ଟ କବି ଭକ୍ତ ଚରଣ ମଲ୍ଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ସୁଧୀ ରଞ୍ଜନ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ମୋ ସ୍କୁଲ ଅଭିଯାନ ସଭାପତି ଭ୍ରମରବର ରାଉତ ଧନ୍ୟବାଦ ଦେଇଥିଲେ। ଶେଷରେ ସାଇନାଥ କଳା ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଅତିଥିମାନେ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ବେଆଇନ ମଦ ବ୍ୟବସାୟ ବନ୍ଦ ଦାବିରେ ଗଣଧାରଣା

କେନ୍ଦ୍ରାପଡ଼ା, ୮।୧ (ଜଗନ୍ନାଥ ଧଳ)


ଗ୍ରାମବାସୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ନରେନ୍ଦ୍ରପୁର ଗ୍ରାମରେ ବେଆଇନ ଭାବେ ମଦ ବ୍ୟବସାୟ ଚାଲିଛି। ଗ୍ରାମର ପ୍ରଶାନ୍ତ ମଲ୍ଲିକଙ୍କ ଏହି ବ୍ୟବସାୟ ଗ୍ରାମାଞ୍ଚଳରେ କରିବା ଦ୍ୱାରା ଆଇନ ଶୃଙ୍ଖଳା ଭଙ୍ଗ ହେଉଛି। ଏ ନେଇ ଥାନାରେ ଅଭିଯୋଗ ପତ୍ର ଦାଖଲ ସତ୍ତ୍ୱେ କୌଣସି ସୁଫଳ ମିଳୁନି। ଏପରି ଅଭିଯୋଗ ଆଣି ନରେନ୍ଦ୍ରପୁର ଗ୍ରାମବାସୀ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦେଇଛନ୍ତି। ଏଥିସହ ଏସ୍‌ପିଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମର ମମତା ମଲ୍ଲିକ, ଲତା ମଲ୍ଲିକ, ବାସନ୍ତି ମଲ୍ଲିକ, ସ୍ୱର୍ଣ୍ଣଲତା ମଲ୍ଲିକ, ରୀନାରାଣୀ ମଲ୍ଲିକ ପ୍ରମୁଖ କହିଛନ୍ତି ଯେ, ମଦ ବ୍ୟବସାୟ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛନ୍ତି। ଗ୍ରାମର ଝିଅ ବୋହୂ ଏହି ନିଶା କାରବାର ହେତୁ ଦାଣ୍ଡରେ ଚାଲିବୁଲି ପାରୁନାହାନ୍ତି। ନିଶାଗ୍ରସ୍ତ ଲୋକ ସେମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଅଯଥା ଗାଳିଗୁଲଜ କରୁଛନ୍ତି। ଏପରିକି ସ୍କୁଲ କଲେଜକୁ ଯାଉଥିବା ଛାତ୍ରୀଛାତ୍ର ଏଥିରୁ ବର୍ତ୍ତିନାହାନ୍ତି। ଗୁନୁ ମଲ୍ଲିକ ଓ ସ୍ୱାମୀ ପ୍ରଶାନ୍ତ ମଲ୍ଲିକ ଏହି ବେଆଇନ ନିଶା କାରବାର କାର୍ଯ୍ୟରେ ଲିପ୍ତ ଅଛନ୍ତି। ଏହାକୁ ନେଇ ଗ୍ରାମରେ ବାରମ୍ବାର ବିବାଦ ଦେଖାଦେଉଛି। ଏ ନେଇ ଥାନାରେ ମାମଲା ସତ୍ତ୍ୱେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଥିପାଇଁ ଏସ୍‌ପିଙ୍କ ନିକଟକୁ ଆସିଥିବା ସେମାନେ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ରାଜକନିକା,୮।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା କଟକ-ଚାନ୍ଦବାଲି ରାଜ୍ୟ ରାଜପଥ-୯ ଏ ତରାସ ନେତାଜୀ ଛକ ନିକଟରେ ସୋମବାର ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ତରାସ ଗାଁର ଭଗବାନ ଦଳାଇ(୮୫)। ସେ କଣ୍ଟାପଡ଼ା ପଞ୍ଚାୟତ ସାପ୍ତାହିକ ହାଟରୁ ନିଜର ହାଟସଉଦା ସାରି ସାଇକେଲ ଯୋଗେ ନିଜଘର ତରାସକୁ ଫେରୁଥିଲେ। କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ନିକଟସ୍ଥ ନେତାଜୀ ଛକ ନିକଟରେ ଏକ ଅଜଣା ଧଳା ରଙ୍ଗର କାର ଭଗବାନଙ୍କ ପଛପଟୁ ଧକ୍କା ଦେଇଥିଲା। ଫଳରେ ଭଗବାନ ରାସ୍ତା ଉପରେ ରକ୍ତାକ୍ତ ଅବସ୍ଥାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାରଟି ଧକ୍କା ଦେବା ପରେ ଘଟଣାସ୍ଥଳରୁ ଚାନ୍ଦବାଲି ଆଡକୁ ପଳାଇ ଯାଇଥିଲା। ଏହାକୁ ନେଇ ଭଗବାନଙ୍କ ସମ୍ପର୍କୀୟ ଅମୀୟ ସେଠୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ନଂ. ୭/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୀଲିପ କୁମାର ଧଳ ସୂଚନା ଦେଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା, ୮।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ମଣ୍ଡଳର ପ୍ରଥମ ବିଧାୟିକା ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତା ସରସ୍ୱତୀ ଦେବୀଙ୍କ ୧୧୦ତମ ଜୟନ୍ତୀ ଉତ୍ସବ ସହରର ଗରାପୁରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ସଭାପତି ଡ. ଉପେନ୍ଦ୍ରନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ଅଜୟ କୁମାର ସାମଲ, ବୈଷ୍ଣବ ଚରଣ ସ୍ୱାଇଁ, ସୁରେଶ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ୧୯୫୨ରେ ରାଜ୍ୟର ପ୍ରଥମ ବିଧାନସଭା ନିର୍ବାଚନରେ ୧୯୧୪ରେ ଜନ୍ମିତ ସ୍ୱର୍ଗତା ସରସ୍ୱତୀ ଦେବୀ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଲଢ଼ିଥିଲେ। ସ୍ୱାଧୀନତା ସଂଗ୍ରାମ, ରାଜନୀତି ଓ ସାମାଜ ଗଠନରେ ତାଙ୍କର ଜୀବନକାଳ ବିତିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ନାୟକ, ଗୌରାଙ୍ଗ ସାହୁ, ମଧୁସୂଦନ ବାରିକ, ଶ୍ରୀନିବାସ ପରିଡ଼ା, ଶ୍ରୀକାନ୍ତ ସାହୁ ନେତ୍ରାନନ୍ଦ କର, ଅମୀୟ ନାୟକ ପ୍ରମୁଖ ଏହି ଉତ୍ସବରେ ନିଜର ମତ ଉପସ୍ଥାପନ କରିଥିଲେ। ଏହାକୁ ରମାନାଥ ମହାନ୍ତି ପରିଚାଳନା କରିଥିଲେ।


ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ରାଜନଗରରେ ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ

ରାଜନଗର, ୮।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକସ୍ତରୀୟରେ ଖରିଫ୍ ଧାନ ସଂଗ୍ରହ ପାଇଁ ଧାନମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକର ସାନଓରଠାରେ ଧାନମଣ୍ଡିକୁ ରାଜନଗର ବିଡିଓ ନିଶାନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ଯୋଗାଣ ଅଧିକାରିଣୀ ଅକଳା ମଲ୍ଲିକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱ ପ୍ରକାଶ ସାମଲ, ଗୋବର୍ଦ୍ଧନ ପ୍ରଧାନ, ସୁଶ୍ରୀ ସଂଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁ, ତାଳଚୁଆ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ବାଲିସାହିପାଟଣା କୃଷି ସେବା ସମବାୟ ସମିତିର ସଭାପତି ବଂଶୀଧର ବରାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ୮୨ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ପଟ୍ଟାମୁଣ୍ଡାଇରେ ମିଳିତ ଜନଶୁଣାଣି ଶିବିର**

ପଟ୍ଟାମୁଣ୍ଡାଇ, ୮।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ସନ୍ଦୀପ ସମ୍ପଦ ମଡକର, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ତହସିଲଦାର ପଞ୍ଚାନନ ନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ, କୃଷି, ଜଳସେଚନ, ଉଠାଜଳସେଚନ, ମହିଳା ଶିଶୁ ବିକାଶ, ସାଧାରଣ ବଣ୍ଟନ ଆଦି ବିଭିନ୍ନ ପ୍ରସଙ୍ଗରେ ୮୨ଟି ଅଭିଯୋଗ ଆସିଥିଲା। ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡା. ଅନିତା ପଟ୍ଟନାୟକ, ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ଅଶୋକ ସାମଲ, ଡିଏସ୍‌ଏସ୍‌ଓ ରୂପାଲୀ ପ୍ରିୟଦର୍ଶନୀ, ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବି.କେ. ନାୟକ, ପଟ୍ଟାମୁଣ୍ଡାଇ ସହନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ଲେଙ୍କା, ଡିପିସି ମନୋରଞ୍ଜନ ଦାସ, ଡିଡବ୍ଲ୍ୟୁଓ ଜି.ସି. ମଲିକ, ଡିଏଲଏଫ ଓ ବିଜୟ କେତନ ସାହୁ ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ ପ୍ରମୁଖ ଜିଲା ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଆଗତ ୮୨ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଜିପିଓ ସୁକାନ୍ତ ନାୟକ, ମାନସ ନନ୍ଦ ଓ ପ୍ରିୟରଞ୍ଜନ ସାମଲ ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା, ଅର୍ପଣ ରଥ ବୁଲିଲା

ପଟ୍ଟାମୁଣ୍ଡାଇ/ ପାଟପୁରା/ ମାର୍ଶାଘାଇ/ ଆଳି/ ଡେରାବିଶ/ ରାଜନଗର, ୮।୧ (କଳ୍ପତରୁ ନାୟକ/ରବୀନ୍ଦ୍ର ନାଥ ବାରିକ/ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ/ ବନମାଳୀ ସେନାପତି/ ବେବର୍ତ୍ତା ଅଜୟ ଦାସ/ ଭାସ୍କର ରାଉତରାୟ)


ରାଜନଗରରେ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

ପୁରୀରେ ଆସନ୍ତା ୧୭ ତାରିଖରେ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟିତ ହେବାକୁ ଯାଉଛି। ଏହି ମହାର୍ଘ କାର୍ଯ୍ୟକ୍ରମରେ ଜଗନ୍ନାଥପ୍ରେମୀ ଓ ଭକ୍ତମାନେ ସାମିଲ ହେବା ସହ ନିଜ ଭକ୍ତିର ନିର୍ଦ୍ଦଶନ ସ୍ୱରୂପ ପ୍ରଭୁଙ୍କୁ ଭେଟି ଦେବାକୁ ଓଡ଼ିଶାର ପ୍ରତି ଘରୁ ଅରୁଆ ଚାଉଳ, ଗୁଆ ପଠାଇବା ପାଇଁ ଭକ୍ତମାନେ ବ୍ୟଗ୍ରତା ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଅର୍ପଣ ରଥ ପରିକ୍ରମା ପାଇଁ ସୋମବାର ସ୍ଥାନୀୟ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଥିବା ୨ଟି ସୁସଜ୍ଜିତ ଅର୍ପଣ ରଥକୁ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରେ ସମବେତ ଭକ୍ତମାନେ ରଥରେ ଅରୁଆ ଚାଉଳ, ଗୁଆ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ପୌର ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ, ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା ପ୍ରମୁଖଙ୍କ ଶତାଧିକ ଲୋକ ସାମିଲ ହୋଇଥିଲେ।

ସେହିପରି ଗରଦପୁର ବ୍ଲକର ବଙ୍ଗାଳପୁର ପଞ୍ଚାୟତରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅର୍ପଣ ରଥ ଗଡ଼ିଛି। ମାହଳଠାରେ ଥିବା ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହେବା ପରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଅର୍ପଣ ଥାଳି ଧରି ଆସିବା ପରେ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଚଅଁପୁର, ବନ୍ଧସାହି, ହୁରାସାହି, ଘୋଡାଦଣ୍ଡା ଦେଇ ସଠିଲୋ, ଶିଶୁଆ ଗ୍ରାମ ପରିକ୍ରମା ପରେ ସଲାରଠାରେ ଶେଷ ହୋଇଛି। ସରପଞ୍ଚ ଅମିୟ କୁମାର ଜେନା, ସମିତି ସଭ୍ୟା ମହେଶ୍ୱତା ସାମଲ ଓ ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତଙ୍କ ସମେତ ମାହଳ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦୀଲିପ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ମାର୍ଶାଘାଇ ବ୍ଲକର ସମସ୍ତ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥର ପରିକ୍ରମାର ଶୁଭାରମ୍ଭ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ରଥକୁ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବିଡିଓ ରଶ୍ମିରେଖା ମଲ୍ଲିକ ଶୁଭାରମ୍ଭ କରିଥିଲେ। ଜିପିଇଓ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ରଥ କୁହୁଡ଼ି, ଅଙ୍ଗୁଳାଇ, ମାର୍ଶାଘାଇ, ଅନ୍ତେଇ, ତାଳସଙ୍ଗା, ପରକୁଳା, ରାଘବପୁର, ବନ୍ଧକଟା, ବଛରାଇ, ଯମପଡ଼ା ଓ କରିଲୋପାଟଣା ପଞ୍ଚାୟତକୁ ଭଜନ ସଂକୀର୍ତ୍ତନ ସହ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚମାନେ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ।

ଆଳି ବ୍ଲକ ଅଟାଳ ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ବୁଲିଛି। ଏହି ରଥ ପରିକ୍ରମା ସମୟରେ ପ୍ରତ୍ୟେକ ଘରୁ ମହିଳାମାନେ ରଥକୁ ବନ୍ଦାପନା କରି ସ୍ୱାଗତ କରିବା ସହ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ପଞ୍ଚାୟତର ବରିଷ୍ଠ ସଙ୍ଗଠକ ଅଚ୍ୟୁତାନନ୍ଦ ବଳଙ୍କ ତତ୍ତ୍ୱାବଧାନରେ ଏହି ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମରେ ଆଳି ବିଡିଓ ମିନତି ଜଗଦେବ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ପଞ୍ଚାୟତର ସରପଞ୍ଚ ସମ୍ପଦ ବଳ, ସମିତିସଭ୍ୟ ସତ୍ୟବତି ଦାସ ପ୍ରମୁଖ ସାମିଲ ହୋଇଥିଲେ।

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତରେ ଜଗନ୍ନାଥଙ୍କ ଅର୍ପଣ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଏଥିପାଇଁ ଗାଁ ଦାଣ୍ଡରେ ପ୍ରତ୍ୟେକ ପରିବାରର ଘର ସମ୍ମୁଖରେ ରଥକୁ ସ୍ୱାଗତ କରିବା ପାଇଁ ମୁରୁଜ ପକାଇବା ସହ ମହିଳାମାନେ ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଦୁର୍ଯ୍ୟୋଧନ ମଲିକ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ସାମାଜିକ କର୍ମୀ ମହେନ୍ଦ୍ର କୁମାର ମଲିକ ପ୍ରମୁଖ ଯୋଗଦେଇଥିଲେ।

ରାଜନଗର ବ୍ଲକର ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ୬ଟି ଅର୍ପଣ ରଥ ବ୍ଲକର ରାଜନଗର, ସାନବଡଗୋପାଳପୁର, ଓସ୍ତିଆ, ଖମାରସାହି, ଡେରା, ରାଜପୁର ପଞ୍ଚାୟତର ପ୍ରତ୍ୟେକ ଗାଁର ଘରକୁ ଘର ବୁଲିଛି। ମହିଳାମାନେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ବନ୍ଦାପନା କରିବା ସହ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ପୂଜାର୍ଚ୍ଚନା କରିବା ପରେ ରଥ ଗଡିଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ନିଶାନ ମିଶ୍ର, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ୬ ପଞ୍ଚାୟତର ସରପଞ୍ଚ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଧାନ କଟନି ଛଟ୍‌ନିକୁ ବିରୋଧ

ଛତ୍ରପୁର,୮।୧(ସନ୍ତୋଷ ପାଢୀ/ଦିଲୀପ ସାମଲ) ଗଞ୍ଜାମ ଜିଲାର ବାଘଳା ପଞ୍ଚାୟତରେ ଚାଷୀମାନଙ୍କଠାରୁ ଧାନକିଣାରେ ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। ୧୦୦ କି.ଗ୍ରା ଧାନ ବିକିଲେ ମିଲରମାନେ ୭୭ କି.ଗ୍ରାର ମୂଲ୍ୟ ଦେବାକୁ ରାଜି ହେଉଛନ୍ତି। ଏପରି କଟନି ଛଟନିରେ ଚାଷୀମାନେ କ୍ଷତି ସହିବେ। ତେଣୁ ସେମାନେ ଏହାକୁ ବିରୋଧ କରିଛନ୍ତି। ଏ ନେଇ ବାଘଳାର ମା' ବାଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟକ ସଂଘର ସଦସ୍ୟା ଓ ଚାଷୀମାନେ ସୋମବାର ଛତ୍ରପୁର ଆସି ଜିଲାପାଳଙ୍କୁ ଅଭିଯୋଗ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବାଘଳା ପଞ୍ଚାୟତ କାର୍ଯ୍ୟାଳୟରେ ଗତ ୬ ତାରିଖରେ ଧାନ କିଣା ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମା ବାଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟକ ସଂଘର ସଭାନେତ୍ରୀ, ସମ୍ପାଦିକା, ଧାନ କିଣା କମିଟି, ୨୫୦ ଜଣ ଚାଷୀ ଯୋଗଦେଇଥିଲେ। ଏଥିସହ ୩ ଜଣ ମିଲର ମଧ୍ୟ ଉପସ୍ଥିତ ଥିଲେ। ୧୦୦ କି.ଗ୍ରା ଧାନ ନେଇ ୭୭ କି.ଗ୍ରା ଧାନର ଟଙ୍କା ଦିଆଯିବ ବୋଲି ମିଲର ମାନେ କହିବା ସହ ଅଖା ବାବଦରେ ଟଙ୍କା ଦେବାକୁ ମନା କରିଦେଇଥିଲେ। କୌଣସି ଉପାୟ ନ ପାଇ ଚାଷୀମାନେ ଛତ୍ରପୁର ଆସି ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି।

### ସୁନାମଧନ୍ୟ ଶତାୟୁ ଦାସକାଠିଆ ଗାୟକଙ୍କ ପରଲୋକ

ରଣପୁର, ୮।୧ (ସୁକାନ୍ତ କିଶୋର ଡ଼ାକୁଆ): ରାଜ୍ୟସ୍ତର ରେ ଖ୍ୟାତି ଅର୍ଜନ କରିଥିବା ସ୍ୱନାମଧନ୍ୟ ଶତାୟୁ ଦାସକାଠିଆ ଗାୟକ ଦାମୋଦର ମହାପାତ୍ରଙ୍କର ପରଲୋକ ହୋଇଯାଇଛି। ସେ ରାଜ୍ୟ ସରକାରଙ୍କ ଅଧୀନ ଦୂରଦର୍ଶନ ଓ ଆକାଶବାଣୀ କଟକ ରେଡିଓ ସେଣ୍ଟରରେ ଧାରାବାହିକ ଭାବେ ଦାସକାଠିଆ ପରିବେଷଣ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଚାର କରୁଥିଲେ। ଏଥିପାଇଁ ସେ ରାଜ୍ୟସ୍ତରରେ ବହୁବାର ପୁରସ୍କୃତ ହୋଇଛନ୍ତି। ସେ ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଗୌରାଙ୍ଗପୁର ଗ୍ରାମରେ ୧୧।୧୧।୧୯୨୩ରେ ଜନ୍ମ ଗ୍ରହଣ କରିଥିବା ବେଳେ ଶୁକ୍ରବାର ୧୦୧



ବର୍ଷରେ ଦେହାନ୍ତ ହୋଇଛି। ସେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦାସକାଠିଆ ଗାୟକ ଭାବେ ରାଜ୍ୟରେ ପରିଚିତ ଥିଲେ। ସେ ନିଜ କାର୍ଯ୍ୟକୁ ସୁଚାରୁରୂପେ ତୁଲାଇ ଆସୁଥିଲେ। ସେ ରଣପୁର ଅଞ୍ଚଳ ସହ ରାଜ୍ୟରେ ଜଣାଶୁଣା ଦାସକାଠିଆ ଗାୟକ ସାଙ୍ଗକୁ ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ହୋଇଥିବା ହେତୁ ତାଙ୍କର ଦେହାନ୍ତରେ ସମଗ୍ର ରଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ବିଳମ୍ବ

- ଅବଧି ଶେଷର ୧୦ମାସ ପରେ ହୋଇନି ଅଧା କାମ
- ଚଢେଇମରାଠାରୁ କୋଶଳାଙ୍ଗ ରାସ୍ତା ଅବସ୍ଥା ବେହାଲ

ନୂଆଗାଁ, ୮।୧ (ଧନେଶ୍ୱର ସାହୁ)

ଗାଁଗୁଡ଼ିକରେ ରହିଥିବା ସମସ୍ୟାରେ ସୁଧାର ଆଣି ଜନସାଧାରଣ ସୁବିଧା ନିମନ୍ତେ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। କିନ୍ତୁ ସମସ୍ୟାକୁ ସମାଧାନ କରିବାରେ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଠିକାଦାର କେତେ ତତ୍ପର ତାହାର ଉଦାହରଣ ଦେଖିବାକୁ ମିଳିଛି ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟରେ। ରାସ୍ତା ନିର୍ମାଣ କାମ ଶେଷ କରିବାର ନିର୍ଦ୍ଧାରିତ ଦିନଠାରୁ ଅଧିକ ୧୦ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଅଧା କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତର କୋଶଳାଙ୍ଗ ଗ୍ରାମକୁ ଯିବା ପାଇଁ ରାସ୍ତା ନ ଥିବାରୁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି ହୋଇ ଆସୁଥିଲା। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ମୁଦୁରାଙ୍ଗଠାରୁ କୋଶଳାଙ୍ଗ ରାସ୍ତା ନିର୍ମାଣ କରିବାକୁ ଗ୍ରାମ ଉନ୍ନୟନ ବିଭାଗ ଜରିଆରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ




ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଲାଗିଥିବା ସୂଚନା ଫଳକ।

କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରାୟ ୫.୯୦୦ କିଲୋମିଟର ରାସ୍ତା ନିର୍ମାଣ କରିବା ପାଇଁ ୩କୋଟି ୬୦ଲକ୍ଷ ୨୩ ହଜାର ଟଙ୍କା ଅନୁଦାନ ଦିଆଯାଇଛି। ତେବେ ଏହି କାର୍ଯ୍ୟ ୮।୪।୨୨ରେ ଆରମ୍ଭ କରି ୭।୩।୨୩ରେ ଶେଷ କରିବା ପାଇଁ ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରାସ୍ତା ନିର୍ମାଣକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାର ନିର୍ଦ୍ଦେଶ ରହିଥିଲେ ମଧ୍ୟ ଶେଷ କରିବାର ତ ଦୂରର କଥା ନିର୍ଦ୍ଧାରିତ ଦିନଠାରୁ ଅଧିକ ୧୦ ମାସ ବିତି ଯାଇଥିଲେ ମଧ୍ୟ



ଚଢେଇମରା-କୋଶଳାଙ୍ଗ ରାସ୍ତାରେ ମେଟାଲ ଗଦାରେ ଅଟକିଛି କାମ।

ଅଦ୍ୟାବଧି ଅଧା କାର୍ଯ୍ୟ ହୋଇନାହିଁ। ଉକ୍ତ ରାସ୍ତା ନିର୍ମାଣ କରିବା ପାଇଁ ଦାୟିତ୍ୱ ନେଇଥିବା ପାଲ୍ ଆଣ୍ଡ ପାଲ୍ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ୍ ଠିକା ସଂସ୍ଥା ସୋରଡାଠାରୁ ଗୌଡ-ଚାଙ୍ଗେରାପଲ୍ଲୀ ରାସ୍ତା ନିର୍ମାଣ ଦାୟିତ୍ୱ ନେଇ ଦୀର୍ଘ ୩ ବର୍ଷ ହେଲା ଅଧପନ୍ତରିଆ ଭାବେ ପକାଇ ରଖିଛି। ଏପରିକି ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବାରମ୍ବାର ଆନ୍ଦୋଳନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେବେ ଠିକ୍ ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରି ପାରୁ ନ ଥିବା ଠିକାସଂସ୍ଥା ପ୍ରତି ବିଭାଗୀୟ ଅଧିକାରୀମାନେ କାହିଁକି ଅନୁକମ୍ପା ଦେଖାଇ ଜନସାଧାରଣଙ୍କୁ ହଇରାଣ କରୁଛନ୍ତି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ହିତାଞ୍ଜଳୀ ପଣ୍ଡାଙ୍କୁ ପଚାରିବାରେ ଠିକା ସଂସ୍ଥାର ମନମାନି ଯୋଗୁ ଆମେ ହଇରାଣ ହେଉଛୁ। ବାରମ୍ବାର କହିବା ସତ୍ତ୍ୱେ ଠିକାଦାର ଶୀଘ୍ର କାମ କରୁନାହାନ୍ତି। ଏ ନେଇ ଆମେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଛୁ ବୋଲି ସେ କହିଛନ୍ତି।

## ସଂଗ୍ରହାଳୟ ପରିଦର୍ଶନ କଲେ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ସଦସ୍ୟ




ବରିଷ୍ଠ ସାମ୍ବାଦିକମାନଙ୍କ ସହ ନୂଆଗାଁ ବ୍ଲକର କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ନୂଆଗାଁ, ୮।୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ଥିବା ଦାଶିଆ ଅଜାଙ୍କ ପାଠାଗାର, ସଂଗ୍ରାହାଳୟ ତଥା ଲାଇବ୍ରେରିକୁ ରବିବାର ଉତ୍କଳ ସାମ୍ବାଦିକ ସଂଘର ଓଡ଼ିଶା ସମସ୍ତ ଜିଲାରୁ ପ୍ରାୟ ଦେଢ଼ ଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ ଉଦୟପୁରଠାରେ ପହଞ୍ଚି ସଂଗ୍ରାହାଳୟ ପରିଦର୍ଶନ କରିଥିଲେ। ଦାଶରଥି ପଟ୍ଟନାୟକ (ଦାଶିଆ ଅଜା)ଙ୍କ ଅକ୍ଲାନ୍ତ ପରିଶ୍ରମ, ନିରନ୍ତର ଚେଷ୍ଟାରେ ପ୍ରତିଷ୍ଠିତ ହୋଇଥିବା ଓଡ଼ିଶାର ଅଦ୍ୱିତୀୟ ସଂଗ୍ରାହାଳୟ ଦେଶ ବିଦେଶର ଅନେକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ସେହି ସଂଗ୍ରାହାଳୟ, ପାଠାଗାରରେ ପୂରି ରହିଛି ବହୁପୁରାତନ ପତ୍ରପତ୍ରିକା, ତାଳପତ୍ର ପୋଥି, ବିଭିନ୍ନ ରାଜରାଜୁଡାଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଅସ୍ତ୍ରଶସ୍ତ୍ର, ଦେଶ ବିଦେଶର ମୁଦ୍ରା, ଅନେକ ମହାପୁରୁଷଙ୍କ ବ୍ୟବହୃତ ସାମଗ୍ରୀ, ପୂର୍ବ କାଳରେ ଲୋକମାନେ ବ୍ୟବହାର ଜିନିଷ, ଭାସମାନ ପଥର, ତିମି ମାଛର କଙ୍କାଳ, ବିଭିନ୍ନ ବନ୍ୟଜନ୍ତୁଙ୍କ ଦାନ୍ତ, ଚମଡା ଏପରିକି ଚନ୍ଦ୍ର ପୃଷ୍ଠରୁ ଆସିଥିବା ବିରଳ ପଥର ମଧ୍ୟ ଏଠାରେ ଦେଖିବାକୁ ମିଳେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଏଭଳି ଅନେକ ସାମଗ୍ରୀ ପର୍ଯ୍ୟଟକଙ୍କୁ ବଣ ପାହାଡ ଘେରା ଉଦୟପୁର ଗ୍ରାମକୁ ଟାଣି ଆଣୁଥିବା ବେଳେ ସେସବୁକୁ ଦେଖି ଓଡ଼ଶାର ସମସ୍ତ ଜିଲାରୁ ଆସିଥିବା ସାମ୍ବାଦିକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଉକ୍ତ ପର୍ଯ୍ୟଟନସ୍ଥଳ ବିଷୟରେ ଅନେକ କଥା ଶୁଣିଥିଲେ ମଧ୍ୟ ବିଶ୍ୱାସ ହେଉ ନ ଥିଲା। କିନ୍ତୁ ଜଣେ ବ୍ୟକ୍ତିଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିବା ଏହି ଲାଇବେରିକୁ ଦେଖିବା ପରେ ହିଁ ବିଶ୍ୱାସ ହେଉଛି ବୋଲି କହିବା ସହିତ ଦାଶିଆ ଅଜାଙ୍କ ସାଧନ ଓ କୃତିତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତ ସାମ୍ବାଦିକ ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତୀ ଓ ସମାଧିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଅନୁଷ୍ଠାନ ବାବଦରେ ଅନୁଷ୍ଠାନର ସମ୍ପାଦକ ତଥା ଦାଶରଥିଙ୍କ ନାତି ଦୀପକଙ୍କ ସହ ଆଲୋଚନା କରିଥିଲେ। ତେବେ ଏହି ସଂଗ୍ରାହାଳୟ ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ସମେତ ବରିଷ୍ଠ ସାମ୍ବାଦିକମାନେ କହିଥିଲେ।

## ଉପଖଣ୍ଡ ଡାକ୍ତରଖାନା ଲାଗି ୫୦ କୋଟି ମଞ୍ଜୁର

ଆସିକା,୮।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଉପଖଣ୍ଡ ଡାକ୍ତରଖାନାର ନୂତନ କୋଠା ଓ ଆନୁସଙ୍ଗିକ ବ୍ୟବସ୍ଥା ଲାଗି ରାଜ୍ୟ ସରକାର ୪୯ କୋଟି ୮୧ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ମଞ୍ଜୁରୀ ମିଳିଥିବା ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ଏକ ଆଦେଶ ନାମାରୁ ଜଣାପଡ଼ିଛି। ଏହି ଅର୍ଥରେ ଡାକ୍ତରଖାନାର ନୂତନ କୋଠା ନିର୍ମାଣ ସାଙ୍ଗକୁ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ବ୍ୟବସ୍ଥା ରହିଛି। ଆସିକାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ସବ ଡିଭିଜନାଲ ହସପିଟାଲର ଉନ୍ନତି କରଣ ପାଇଁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଗୁହାରି ଜଣାଇଥିଲେ।

## ସ୍ୱର୍ଣ୍ଣ ପଦକ ପାଇଲେ ରିତିକ

- ଜାତୀୟ ସ୍ତରକୁ ଉନ୍ନୀତ
- ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ନୟାଗଡ,୮।୧(ଲୋକନାଥ ମିଶ୍ର)

ପୁରୀର ରାଣୀସତୀ ଭବନଠାରେ ଜାନୁଆରୀ ୬ ଓ ୭ ଦୁଇ ଧରି ଚାଲୁ ରହିଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ବରିଷ୍ଠ ବର୍ଗର ପ୍ରତିଯୋଗିତାର ମହିଳାପୁରୁଷ ବିଭାଗରେ ୬୩ କେଜି ୱେଟ କାଟାଗୋରୀରେ ନୟାଗଡ଼ ଜିଲାର ଏମ. ରିତିକ ରଞ୍ଜନ ମହାପାତ୍ର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରିତିକ ରାଜସ୍ଥାନରେ ହେବାକୁ ଯାଉଥିବା ଜାତୀୟ ସ୍ତରୀୟ ଟାଏକୋଣ୍ଡୋ ବରିଷ୍ଠ ବର୍ଗର ପ୍ରତିଯୋଗିତାରେ ମନୋନୀତ ହୋଇଛନ୍ତି। ପୁରୀରେ ୩୫ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ହେଉଥିଲା। ରାଜ୍ୟର ୧୫ଟି ଜିଲାର ୨୦୦ ଟାଏକୋଣ୍ଡୋ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରକାଶଥାଉ କି ରିତିକ



ନୟାଗଡ଼ ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ କୋଚ ଭାବେ କାମ କରୁଛନ୍ତି।

## ଅଗ୍ନିକାଣ୍ଡରେ ୩୦୦ରୁ ଊର୍ଦ୍ଧ୍ୱ ଧାନକଳେଇ ପୋଡ଼ିଗଲା

ଖଣ୍ଡପଡ଼ା,୮।୧(ଅଜୟକୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତର ଗିରିଡିପଲ୍ଲୀ ଗାଁରେ ଅମଳ ପାଇଁ ରଖାଯାଇଥିବା ଧାନ କଳେଇରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାରୁ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଧାନ କଳେଇ ପୋଡି ପାଉଁଶ ହୋଇଯାଇଛି। ସୂଚନାକ୍ରମେ ସମ୍ପୃକ୍ତ ଗ୍ରାମର ଚାଷୀ ଅନ୍ତର୍ଯ୍ୟାମୀ ଜେନା ଓ ତାଙ୍କ ଭାଇ ସୁବଳ, ଜମିରୁ ବେଙ୍ଗଳା କରିବା ଉଦ୍ଦେଶ୍ୟରେ ଗ୍ରାମର ମନ୍ଦିର ନିକଟରେ ୩ଶହରୁ ଊର୍ଦ୍ଧ୍ୱ ଧାନ କଳେଇ ଗଦା କରିଥିଲେ। କେହି ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଥିବାରୁ ସମସ୍ତ ଧାନ କଳେଇଗୁଡିକ ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେସବୁ ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତିର ପରିମାଣ ଆନୁମାନିକ ୭୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି। ଅଗ୍ନିକାଣ୍ଡରେ



କ୍ଷତିଗ୍ରସ୍ତ ହୋଇଥିବା ୨ ଚାଷୀ ପରିବାରଙ୍କୁ ଆନୁଷଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ୨୧ରେ ଫତେଗଡ଼ରେ ହେବ ଧର୍ମସଭା

- ୨୦ ହଜାର ସାଧୁସନ୍ଥଙ୍କ ହେବ ସମାବେଶ
- ଉଦ୍‌ବୋଧନ ଦେବେ ଶଙ୍କରାଚାର୍ଯ୍ୟ
- ୮ ଦିନିଆ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସମାରୋହ

ନୟାଗଡ଼,୮।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଭାପୁର ବ୍ଲକର ଫତେଗଡ ଶ୍ରୀରାମ ପାହାଡ଼ ଉପରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସମାରୋହ ୮ ଦିନ ଧରି ଅନୁଷ୍ଠିତ ହେବ। ତେବେ ୨୧ ତାରିଖରେ ଫତେଗଡ ନାଲି ସାଗର ପଡ଼ିଆରେ ଏକ ଧର୍ମସଭା ଅନୁଷ୍ଠିତ ହେବ। ଏଥିରେ ୨୦ ହଜାର ସାଧୁସନ୍ଥ ଯୋଗ ଦେବେ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀନିଶ୍ଚଳାନନ୍ଦ ସରସ୍ୱତୀ ଏଥିରେ ଯୋଗଦେଇ ଧର୍ମ ଉପରେ ଉଦ୍‌ବୋଧନ ଦେବେ। ଅନ୍ୟପକ୍ଷେ ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହ ଦେବ ଓ ୫ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅତିଥି ଭାବେ ଯୋଗ ଦେବେ। ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ସୋମବାର ନୟାଗଡ଼ରେ କରାଯାଇ ଗୋବର୍ଦ୍ଧନ ପୀଠ ପ୍ରବାସୀ ସମିତି ପ୍ରଭାରୀ ସୌରୀ ରଞ୍ଜନ ପଣ୍ଡା, ସଚିବ ବସନ୍ତ ରଥଶର୍ମା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ମନ୍ଦିରର ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ୧୭ରେ ଆରମ୍ଭ କରାଯାଇ ଅଙ୍କୁରାରୋପଣ କରାଯିବ। ୨୦ତାରିଖରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀନିଶ୍ଚଳାନନ୍ଦ ସରସ୍ୱତୀ ଫତେଗଡ ଆସି ଗଣମାଧ୍ୟମର ପ୍ରତିନିଧିଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟାକ୍ରମରେ ଯୋଗ ଦେବେ। ଏପରିକି ସାଧରଣ ଲୋକ ଭେଟି ପାରିବେ ବୋଲି କୁହାଯାଇଛି। ସେହିପରି ୨୧ ତାରିଖରେ ଶଙ୍କରାଚାର୍ଯ୍ୟ ଶ୍ରୀରାମ ମନ୍ଦିର ଯଜ୍ଞ ମଣ୍ଡପ ପରିଦର୍ଶନ ସହ ଗୁରୁପୂଜା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀରାମଙ୍କ ବିଗ୍ରହଙ୍କୁ ଦର୍ଶନ କରିବେ। ୨୪ ତାରିଖରେ ପୂର୍ଣ୍ଣାହୁତି ପରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନ ହେବ। ଖବରଦାତା ରାମକୃଷ୍ଣ ରଥ ଓ ଭରତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଶ୍ରୀରାମ ମନ୍ଦିର କମିଟି କର୍ମକର୍ତ୍ତା।

## କୃଷି ଯୋଜନାକୁ ଲୋକାଭିମୁଖୀ କରିବାକୁ ହେବ

ଓଡଗାଁ,୮।୧ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଶା ରାଜ୍ୟପାଳ ରଘୁବର ଦାସ ସୋମବାର ଅପରାହ୍ନରେ ଓଡ଼ଗାଁ ବ୍ଲକ ନନ୍ଦିଘୋର ଗ୍ରାମ କଲ୍ୟାଣ ମଣ୍ଡପରେ ଜନଶୁଣାଣି କରିଛନ୍ତି। ଏଥିରେ ୨୦୦ରୁ ଅଧିକ ମହିଳା, ଚାଷୀ, ଅଧିକାରୀ ଓ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଉପସ୍ଥିତିରେ ସିଧାସଳଖ ଲୋକଙ୍କ ସହ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ପ୍ରଥମେ ରାଜ୍ୟପାଳ ଉପସ୍ଥିତ ମହିଳା ଓ ଚାଷୀଙ୍କୁ ନିଜ ନିଜର ଅଭିଯୋଗ ସମ୍ପର୍କରେ କହିବାକୁ କହିଥିଲେ। ନନ୍ଦିଘୋର ସରପଞ୍ଚ ଶତୋଲିନା ମିଶ୍ର ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତରେ ହୋଇଥିବା ଅମୃତ ସରୋବର, ସ୍କୁଲ, ରାସ୍ତାଘାଟରେ ଉନ୍ନତିକରଣ ସମ୍ପର୍କରେ କହିଥିଲେ। ରାଜ୍ୟପାଳ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରିବାରେ ନନ୍ଦିଘୋର ଗ୍ରାମର ତାପସ କୁମାର ପାଢ଼ୀ ଅଭାବୀ ଧାନ ବିକ୍ରି ଓ ଅବ୍ୟବହୃତ ପାଳ ପୋଡିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବା କହିଥିଲେ। ସେହିପରି ନିତାନନ୍ଦ ପ୍ରଧାନ ନୟାଗଡ଼ରେ ଆଖୁ ଚାଷୀଙ୍କୁ ପ୍ରୋତ୍ସାହନ ପାଇଁ ଚିନିକଳର ପୁନରୁଦ୍ଧାର କରିବାକୁ କହିଥିଲେ।



ଖବରଦାତାମାନେ ଶ୍ରୀ ରଘୁନାଥଜୀଉଙ୍କ ଫଟୋଚିତ୍ର ରାଜ୍ୟପାଳ ରଘୁବର ଦାସଙ୍କୁ ଦେଉଛନ୍ତି।

ମଶାରୀ ଗ୍ରାମର ଆଦର୍ଶ ପନି ପରିବା ଚାଷୀ କୈଳାସ ସିଠ ଅଭାବୀ ପରିବାରୁ ମୁକୁଳିବା ତଥା ୫୦୦ରୁ ଊର୍ଦ୍ଧ୍ୱ ପରିବା ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଓଡ଼ଗାଁରେ ଏକ ଶୀତଳଭଣ୍ଡାର ପ୍ରତିଷ୍ଠା କରିବାକୁ ରାଜ୍ୟପାଳଙ୍କ ନିକଟରେ ଦାବି କରିଥିଲେ। ଏହାସହ ୨ ଜଣ ମହିଳା ଭୂମିହୀନ ହୋଇଥିବା ବେଳେ ସେମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ବାସଗୃହ ଯୋଗାଇ ଦେବାକୁ ଦାବି କରିଥିବା ବେଳେ ଅନ୍ୟ ଜଣେ ମହିଳା ରାଶନ କାର୍ଡ ସମେତ କୌଣସି ସରକାରୀ ଯୋଜନା ନ ପାଇ ୨ ବର୍ଷ ହେଲା ଭୋକ ଉପାସରେ ରହିଥିବା କହିଥିଲେ। ରାଜ୍ୟପାଳ ଏସବୁ ଅଭିଯୋଗ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ରାଜ୍ୟପାଳ ପ୍ରଧାନମନ୍ତ୍ରୀ କିଷାନ ଯୋଜନା, କୃଷି ବୀମା ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡରେ ଲାଭବାନ ହେଉଥିବା ଚାଷୀଙ୍କ ସମ୍ପର୍କରେ ପଚାରିଥିଲେ। ମାତ୍ର ଦୁଇରୁ ତିନିଜଣ ଚାଷୀ ଏ ସମ୍ପର୍କରେ ଅବଗତ ଥିବା ଏବଂ ପଞ୍ଜୀକରଣ କରିଥିବା ନେଇ ସହମତି ପ୍ରଦାନ କରିଥିଲେ। ହେଲେ ଉପସ୍ଥିତ ବ୍ଲକ ଓ ଜିଲା କୃଷି ଅଧିକାରୀ କେନ୍ଦ୍ର କୃଷି ଯୋଜନାର ପ୍ରଚାର ପ୍ରସାର କରିବା ନେଇ କୌଣସି ତଥ୍ୟ ପ୍ରଦାନ କରିବାରେ ଅସଫଳ ହୋଇଥିଲେ। ଚାଷୀଙ୍କୁ ଅନ୍ନଦାତା ଏବଂ ସେମାନଙ୍କ ରାଷ୍ଟ୍ର ଗଠନରେ ଭୂମିକା ରହିଥିବା ବେଳେ ସେମାନଙ୍କୁ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ସୂଚନା ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଆଦର୍ଶ ସ୍କୁଲ ଏକ ସୁନ୍ଦର ଅଟାଳିକାରେ ପରିଣତ ହୋଇଛି। କିନ୍ତୁ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ସହିତ ପିଲାଙ୍କ ଡ୍ରପ ଆଉଟ ଶୂନ କରିବା ଦିଗରେ ଅଭିଭାବକ, ପଞ୍ଚାୟତ ଜନ ପ୍ରତିନିଧି ଉଦ୍ୟମ କରିବାକୁ କହିଥିଲେ। ପିଲା ଶିକ୍ଷିତ ହେଲେ ହିଁ ଗାଁ, ଜିଲା, ରାଜ୍ୟ ଓ ରାଷ୍ଟ୍ର ବିକଶିତ ହେବ ବୋଲି କହିବା ସହ ଏ ନେଇ ସବୁସ୍ତରରେ ଉଦ୍ୟମ ହେବା ଉଚିତ ବୋଲି କହିଥିଲେ। ଏହି ଅବସରରେ ଓଡ଼ଗାଁ ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ଓଡଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ଫଟୋ ଚିତ୍ର ପ୍ରଦାନ କରାଯାଇଥିଲା। ବିଜେ ଶ୍ରୀଜୀଉଙ୍କ ସମ୍ପର୍କରେ ବର୍ଣ୍ଣନା କରିବା ପରେ ପରବର୍ତ୍ତୀ ସମୟରେ ଓଡ଼ଗାଁ ଗସ୍ତରେ ଆସି ଶ୍ରୀଜୀଉଙ୍କ ଦର୍ଶନ କରିବାକୁ ରାଜ୍ୟପାଳ ସହମତି ପ୍ରକାଶ କରିଥିଲେ।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପୁଛି ଗାଁ

## ଗୁଆ, ଅରୁଆ ଚାଉଳ ସଂଗ୍ରହ କରୁଛି ଅର୍ପଣ ରଥ

**ରସୁଲପୁର,୮।୧(ରଞ୍ଜିତ ରାଉତ):** ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଅର୍ପଣ ରଥ ବିଭିନ୍ନ ଗାଁ ପରିକ୍ରମା କରି ଗୁଆ, ଅରୁଆ ଚାଉଳ ସଂଗ୍ରହ କରୁଛି। ଫଳରେ ଗାଁଦାଣ୍ଡ ଜୟଜଗନ୍ନାଥ ଧ୍ୱନିରେ କମ୍ପିଉଠୁଛି। ଅରୁଆ ଚାଉଳ, ଗୁଆ ସାଙ୍ଗକୁ ପନପରିବା, ଦାନଦକ୍ଷିଣାରେ ଭାଣ୍ଡ ପୁରି ଉଠୁଛି। ଭଜନକୀର୍ତ୍ତନର ତାଳରେ ଗାଁ ପରିବେଶରେ ଭକ୍ତିଭାଗ ଜାଗ୍ରତ ହୋଇ ଉଠିଛି। କଳସରେ ଆମ୍ବ ଡାଲୁଆ, ନଡ଼ିଆ, ଗୁଆଥୋଇ ପରିବାରର ମଙ୍ଗଳ ମନାସୁଛନ୍ତି ମହିଳାମାନେ। ପ୍ରଭୁଙ୍କ ଫଟୋଚିତ୍ର ନିକଟରେ ନଡ଼ିଆ, କଦଳୀ, ଫଳମୂଳ ଆଦି ନୈବେଦ୍ୟ ଥୋଇ ଭୋଗ କରିବା ସହ ପ୍ରଭୁଙ୍କ ନିକଟରୁ ପଞ୍ଚାମୃତ, ତୁଳସୀ ଆଦି ସେବନ କରୁଛନ୍ତି। ରଥ ପରିକ୍ରମା ସମୟରେ ଗାଁ ଦାଣ୍ଡ ଲୋକାରଣ୍ୟ ହୋଇଉଠିଛି। ରସୁଲପୁର ବ୍ଲକର ଭୋଟକା, ବଡ଼କଇଞ୍ଛି, ଶ୍ରୀବନ୍ତପୁର, ବାରବାଟୀ, ଲକ୍ଷ୍ମୀନଗର, ସାମନ୍ତରାପୁର, ବାବାଦଲାପରୁ ଆଦି ପଞ୍ଚାୟତରେ ରଥ ପରିକ୍ରମା କରିଛି। ଭୋଟକା ପଞ୍ଚାୟତ ଇଚ୍ଛାପୁରସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ରଥ ବାହାରିଥିଲା। ସରପଞ୍ଚ ସ୍ମୃତିରେଖା ରାଉତ କର୍ତ୍ତାଭାବେ ଉପସ୍ଥିତ ରହି ରଥକୁ ପୂଜା କରିଥିଲେ। ପୁରୋହିତ ରାଜକିଶୋର ଦାସ ପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆଣିବା ପରେ ରଥ ଆଗକୁ ବଢ଼ିଥିଲା। ସଂକୀର୍ତ୍ତନ ମଣ୍ଡଳି ଦ୍ୱାରା ରଥ ଗାଁରେ ବୁଲି ଅରୁଆ ଚାଉଳ, ଗୁଆ ସଂଗ୍ରହ କରିଥିଲା। ଏହି ଦିନରେ ରଥଇଚ୍ଛାପୁରର ଶନିମୂଳ ସାହି, ମଝିସାହି, ନନ୍ଦ ଉତ୍ସବ ସାହି, କୁମ୍ଭାର ସାହି, ତେଲି ସାହି, ବ୍ରାହ୍ମଣ ସାହି, ବଡରମ୍ପେଇ, ସେରପୁରର ରାଢି ସାହି, ବ୍ରାହ୍ମଣ ସାହି, ଦଳିତ ସାହି, ମଣିମନ୍ଦିର ଛକ ଆଦି ବୁଲିବା ପରେ ମଙ୍ଗଳାମୂଳ ଛକରେ ପରିକ୍ରମା ଶେଷ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ରଥ ଅନ୍ୟ ଗାଁରେ ପରିକ୍ରମା କରିବ ବୋଲି ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବାରବାଟୀ ପଞ୍ଚାତୟରେ ସରପଞ୍ଚ ଆୟୁଷମତି ଦାସ, ସମିତିସଭ୍ୟା ସୌଦାମିନୀ ସ୍ୱାଇଁ, ବଡ଼କଇଞ୍ଛିରେ ଅଶୋକ ମଲ୍ଲିକ, ସମିତିସଭ୍ୟ ସୌମ୍ୟରଞ୍ଜନ ଦ୍ୱିବେଦୀ, ସାମନ୍ତରାପୁରରେ ସରପଞ୍ଚ ପଦ୍ମିନୀ ସେଠୀ, ଶ୍ରୀବନ୍ତପୁରରେ ସରପଞ୍ଚ ପର୍ଶୁରାମ ଦାସ, ଲକ୍ଷ୍ମୀନଗରରେ ସରପଞ୍ଚ ସର୍ବେଶ୍ୱର ସାହୁ ଓ ବାହାଦଲାପୁର ପଞ୍ଚାୟତରେ ସରପଞ୍ଚ ମହେନ୍ଦ୍ର ଦାସଙ୍କ ନେତୃତ୍ୱରେ ରଥ ଗଡ଼ିଥିଲା।



## ଧର୍ମଶାଳା ବ୍ଲକ୍‌ରେ ରଥ ପରିକ୍ରମା

**ଧର୍ମଶାଳା,୮।୧(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରୁଛି। କୁମାରୀ ପଞ୍ଚାୟତ ପକ୍ଷରୁ କୁମାରୀ, ଦେଉଳି, ଦେଉଳିପାଳ, ପଣ୍ଡୁଆ ଓ ଜାମୁବଣିଆ ଆଦି ଗ୍ରାମରେ ସୋମବାର ରଥ ପରିକ୍ରମା କରି ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛି। ପ୍ରତ୍ୟେକ ପଞ୍ଚାୟତରୁ ସଂଗୃହୀତ ଚାଉଳ ଓ ଗୁଆକୁ ୧୭ ତାରିଖରେ ପୁରୀ ପଠାଇବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।



## ସ୍ୱାଗତ କଲେ କୋରେଇବାସୀ



**କୋରେଇ,୮।୧(ଚନ୍ଦ୍ରକାନ୍ତ ପତି):** କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତର ବେଗନାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ଏହାକୁ ବ୍ଲକର ସମସ୍ତ ପଞ୍ଚାୟତର ଶତାଧିକ ଲୋକେ ଉପସ୍ଥିତ ରହି ସ୍ୱାଗତ କରିଛନ୍ତି। କୋରେଇ ପଞ୍ଚାୟତ ସମିତି ସୌଜନ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପ୍ରଭୁ ଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କଳସ ସ୍ଥାପନ, ପ୍ରଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା କରି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଧନେଶ୍ୱର ପଞ୍ଚାୟତ ବିଜେଡି ସଭାପତି ବଳରାମ ରାଉତ କର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ନାମ ସଂକୀର୍ତ୍ତନ ଓ ଅଲେଖ ବାବାଙ୍କ ଖଜଣି ଭଜନ ସହିତ ଶଙ୍ଖ ହୁଳହୁଳି ମଧ୍ୟରେ ଉକ୍ତ ରଥ ବେଗନା ଗ୍ରାମ ପରିକ୍ରମା କରିଥିଲା। ବିଧାୟକ ବଳ ପ୍ରତ୍ୟେକ ଘର ବୁଲିବା ସହିତ ମହିଳାଙ୍କ ଦ୍ୱାରା ପ୍ରଦାନ କରା ଯାଉଥିବା ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲେ। ୧୨ତାରିଖ ପର୍ଯ୍ୟନ୍ତ ବ୍ଲକର ୨୮ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ବିଡିଓ ଅଶୋକ ମାଝି ପରିଚାଳନା କରିଥିବବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ରଥ ଶୁଭାରମ୍ଭ ସମୟରେ ଉଦୟ ପର୍ବତ ମହାରାଜା, ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ବିଧାୟକଙ୍କ ପ୍ରତିନିଧି ତାରକେଶ୍ୱର ମହାନ୍ତି, ଜିଲା ଯୁବ ବିଜେଡି ସମ୍ପାଦକ ରାକେଶ ମହାନ୍ତି, ମିଶନ ଶକ୍ତି, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା, ସରପଞ୍ଚ, ସମିତି ସଭ୍ୟାସଭ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ବରୀରେ ଶୁଭାରମ୍ଭ ହେଲା ଅର୍ପଣ ରଥ



**ବରୀ,୮।୧(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଚନ୍ଦନପୁର ପଞ୍ଚାୟତରେ ସୋମବାର ଅର୍ପଣ ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ରଥକୁ ବିଧାୟିକା ସୁନନ୍ଦା ଦାସ ଶୁଭାରମ୍ଭ କରିଥିଲେ। ପରେ ଭଜନ କୀର୍ତ୍ତନ ସହ ସଂକୀର୍ତ୍ତନ ଦଳ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ସ୍ଥାପିତ ସୁସଜ୍ଜିତ ରଥ ପଞ୍ଚାୟତ ପରିକ୍ରମା କରିଥିଲା। ରଥକୁ ସବୁଠି ସ୍ୱାଗତ କରାଯାଇଥିଲା। ପ୍ରତି ପରିବାର ଗୁଆ ଓ ଅରୁଆ ଚାଉଳ ଅର୍ପଣ କରିଥିଲେ। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲିକ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ସରପଞ୍ଚ ଚପଳା ମଲ୍ଲ, ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ ଓ ହରିହର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକର ଅଳିପୁର ପଞ୍ଚାୟତରେ ମଧ୍ୟ ଏହି ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲିକ, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ବେହେରା, ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ଦିଲୀପ ମହାନ୍ତି, ସମିତିସଭ୍ୟା ରଶ୍ମିତା ଜେନା, ମନୋଜ ସିଂହ ଓ ବୁଲୁ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।

## ରଥକୁ ଗାଁଗାଁରେ ସ୍ୱାଗତ

**ଯାଜପୁର ସଦର,୮।୧(ସମର ବିଜୟ ଶରଣ):** ଯାଜପୁର ବ୍ଲକ ଅଧୀନ ମହେଶ୍ୱରପୁର, ସୁଜନପୁର, ଏରବାଙ୍କ, ଶ୍ୟାମଦାସପୁର, ବରୁଆଁ, ଜମଧର, ସିମିଳିଆ, ବେରୁଦା ଓ ବାସୁଦେବପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅର୍ପଣ ରଥ ପରିକ୍ରମା କରିଛି। ରଥକୁ ପ୍ରତ୍ୟେକ ଗାଁରେ କୀର୍ତ୍ତନ, ଶଙ୍ଖହୁଳହୁଳି ଓ ହରିବୋଲ ମଧ୍ୟରେ ସ୍ୱାଗତ କରାଯାଇ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରାଯାଇଛି। ଏହାକୁ ନେଇ ପ୍ରତ୍ୟେକ ଗ୍ରାମର ମୁରବି, ମହିଳାମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।



## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଲିପ୍ସା



@ ଆଶିର୍ବାଦ



@ ବିଭୂତି



@ ଜ୍ଞାନରଞ୍ଜନ



@ ସାଗର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସିମେଣ୍ଟ କାରଖାନା ସମ୍ମୁଖରେ ଧାରଣା

**କଳିଙ୍ଗନଗର,୮।୧(ଶୁଭାଶିଷ ରାଉତ):** କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ ସିମେଣ୍ଟ କାରଖାନାର ଠିକା ଶ୍ରମିକମାନେ ୯ ଦଫା ଦାବିଉପସ୍ଥାପନ କରି କାରଖାନା ସମ୍ମୁଖରେ ଧାରଣା ଦେଇଛନ୍ତି। କଳିଙ୍ଗନଗର ମଜଦୁର ୟୁନିୟନର କାରଖାନା ଶାଖା ପକ୍ଷରୁ ଏହି ଧାରଣା ଜାରି ରହିଛି। ଦରମା ବୃଦ୍ଧି, ସ୍ଥାୟୀ ନିଯୁକ୍ତି, ରାତ୍ରୀ କାଳୀନ ଡ୍ୟୁଟି ଭତ୍ତା, କୁଶଳୀ ଭାବେ ପଦୋନ୍ନତି ଦେବା ଆଦି ଦାବି ଉପସ୍ଥାପନ କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ।

## ଜମି ବିବାଦରୁ ଗଣ୍ଡଗୋଳ: ପୋଲିସ ଚୁପ୍

### ଏସ୍‌ପି, ମହିଳା ଆୟୋଗଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧା

**କାଏମା,୮।୧ (ଶିବପ୍ରସାଦ ମହାନ୍ତି)** ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡିଆ ଗ୍ରାମରେ ଜମିବାଡି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଉପୁଜିଥିବା ଆକ୍ରମଣ ଘଟଣାକୁ ୨୦ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପୋଲିସ ପ୍ରାୟ ନୀରବ ରହିଛି। ଧର୍ମଶାଳା ଥାନା ପୋଲିସ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ କରି ନିଜର ଦାୟିତ୍ୱ କେବଳ ସମ୍ପାଦନ କରିଥିବା ମନେହେଉଛି। ଅନ୍ୟପକ୍ଷରେ ଏହି ଆକ୍ରମଣ ଘଟଣାରେ ଜଣେ ବୃଦ୍ଧା ସାରଳା ଜେନା ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବାବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୋଲିସ ସାହସ ଜୁଟାଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗକାରୀ ସାରଳା ଥାନାଧିକାରୀଙ୍କ ସମେତ ଯାଜପୁର ଏସ୍‌ପି ଓ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଅନ୍ୟପକ୍ଷର କନକଲତା ଜେନା ଏବଂ ତାଙ୍କ ପରିବାରବର୍ଗଙ୍କୁ ଆକ୍ରମଣ ହୋଇଥିବା ନେଇ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ କନକଲତାଙ୍କ ଡାହାଣ ହାତକୁ ବାଡେଇ ରକ୍ତାକ୍ତ କରି ଭାଙ୍ଗି ଦିଆଯାଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଧର୍ମଶାଳା ଥାନାଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଛି। ସାରଳା ଜେନାଙ୍କ ଅଭିଯୋଗକୁ ଭିତ୍ତି କରି ୭୯୮/୨୦୨୩ ଏବଂ କନକଲତା ଜେନାଙ୍କ ଅଭିଯୋଗକୁ ଭିତ୍ତି କରି ୭୯୭/୨୦୨୩ରେ ମାମଲା ରୁଜୁ କରି ତଦନ୍ତ ଚାଲିଛି। ତଦନ୍ତରେ ସାରଳା ଜେନାଙ୍କ ପରିବାର ଲୋକେ ସହାୟତା ପ୍ରଦାନ କରୁନାହାନ୍ତି। ଏନେଇ ସେ ବହୁବାର ଫୋନ କରି ଜଣାଇଥିଲେ ହେଁ ସେମାନେ ଥାନାକୁ ଆସୁନାହାନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷେ ତୁରନ୍ତ ନ୍ୟାୟ ନ ମିଳିଲେ ଥାନା ଆଗରେ ଧାରଣାରେ ବସିବୁ ବୋଲି ସାରଳାଙ୍କ ପରିବାର ଲୋକେ ଚେତାବନୀ ଦେଇଛନ୍ତି।

## ଧାନ ଖଳାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**ଛତିଆ,୮।୧(ସୌମ୍ୟ ରଞ୍ଜନ ସାହୁ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନେଳିଆ ପଞ୍ଚାୟତ ନେଳିଆ ଗ୍ରାମର ସରକାରୀ ଖଳାରେ ରବିବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଖଳାରେ ଥିବା ସ୍ଥାନୀୟ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ ସହିତ ନଡ଼ା ଓ ପାଳ ଗଦା ଜଳି ପାଉଁଶ ହୋଇଯାଇଛି। ସମ୍ପୃକ୍ତ ଚାଷୀଙ୍କ ଲକ୍ଷାଧିକ ଟଙ୍କା କ୍ଷତି ହୋଇଛି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଜଳି ଯାଇଥିଲା। ଅଞ୍ଚଳର ସନ୍ତୋଷ ବେହେରା, ଟିଙ୍କିଲି ବେହେରା, ଶିବ ମଲିକ, ଭଗିଆ ବେହେରା, ହୃଷୀକେଶ ମଲିକ, ପ୍ରଶାନ୍ତ ବେହେରା, ଲଗନୀ ବେହେରା, ପର୍ଶୁରାମ ସ୍ୱାଇଁ, ଅକ୍ଷୟ ସାମଲ, ବିରଞ୍ଚି ଦଳେଇ, ଜଗବନ୍ଧୁ ବେହେରା ପ୍ରମୁଖ ୩୦ ଏକର ଜମିରେ ହୋଇଥିବା ଧାନ ଓ ଅମଳ ହୋଇସାରିଥିବା ନଡ଼ା ପାଳ ଉକ୍ତ ଖଳାରେ ରଖି ଧୀରେଧୀରେ ଘରକୁ ନେଉଥିଲେ। ତୁରନ୍ତ କ୍ଷତିପୂରଣ ଦେବା ପାଇଁ ପ୍ରଶାସନ ନିକଟରେ ସମ୍ପୃକ୍ତ ଚାଷୀ ଗୁହାରି କରିଛନ୍ତି।

## ଟ୍ରାଫିକ୍ ନିୟମ ମାନିଲେ ବହୁ ଜୀବନ ବଞ୍ଚିପାରିବ

### ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ



ସଡ଼କ ସୁରକ୍ଷା ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅଧିକାରୀମାନେ।

**ଯାଜପୁର ଟାଉନ,୮।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):** ଜାନୁଆରୀ ୧ରୁ ୭ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସୋମବାର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଯାଜପୁର ମିଳିତ ଆନୁକୂଲ୍ୟରେ ଯାଜପୁର ସୁନ୍ଦରପୁର କମାଗଡ଼ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ସଚିବ ବ୍ରଜବନ୍ଧୁ ଭୋଳ ଯୋଗଦେଇ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଏବଂ ଏହା ଅମୂଲ୍ୟ ସମ୍ପଦ, ଯାହା ପରିବାର ଓ ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଏଣୁ ସଡ଼କ ସୁରକ୍ଷାର ଦାୟିତ୍ୱ ପ୍ରତ୍ୟେକ ନାଗରିକ ହୃଦୟଙ୍ଗମ କରି ଟ୍ରାଫିକ ନିୟମ ମାନିଲେ ଏବଂ ଯାନକୁ ନିର୍ଦ୍ଧାରିତ ବେଗରେ ଚଳାଇଲେ ବହୁ ମୂଲ୍ୟବାନ ଜୀବନ ବଞ୍ଚିଯାଇପାରିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ପରିବହନ ବିଭାଗ ଅତିରିକ୍ତ ଆୟୁକ୍ତ (ପ୍ରଶାସନ) ଇନ୍ଦ୍ରମଣି ନାୟକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ବୈଷୟିକ ବିଭାଗ ନିର୍ଦ୍ଦେଶକ ପି.କେ. ନାୟକ, ଜାତୀୟ ରାଜ ମାର୍ଗ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା ଓ ପୂର୍ବାଞ୍ଚଳ ଡେପୁଟି କମିଶନର ଆର୍‌.ଏନ୍‌. ସିରିକା ଯୋଗଦେଇ ଉତ୍ତମ ସମରିଟାନର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ଆମ ପାଇଁ ମୂଲ୍ୟବାନ ଏବଂ 'ସଡ଼କ ସୁରକ୍ଷା, ପରିବାର ରକ୍ଷା'ର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ ଏବଂ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ସଡ଼କ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏଥିସହିତ ନିଜ ଅଞ୍ଚଳର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, ସଚେତନତା ରାଲି ଆଦି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଅନ୍ୱେଷଣ ଥିଏଟର ଗ୍ରୁପ କଳାକାରମାନଙ୍କ ଦ୍ୱାରା ସଚେତନତାଧର୍ମୀ ମନୋରଞ୍ଜନ କାର୍ଯ୍ୟକ୍ରମ ଯମ ଚିତ୍ରଗୁପ୍ତ, ଡ୍ରାଇଭର ଓ ଟ୍ରାଫିକ ପୋଲିସ ଅଭିନୟ, ନିଶା ସେବନ କରି ଯାନ ଚଳାଇବାରକୁ ପରିଣତି ସମ୍ବନ୍ଧରେ 'ସଡକ ସୁରକ୍ଷା, ପରିବାର ରକ୍ଷା'ବାର୍ତ୍ତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛତିଆ ଯାନ ଚାଳନା ତାଲିମ କେନ୍ଦ୍ରର ତାଲିମାର୍ଥୀ, ସ୍କୁଲ୍‌, କଲେଜର ଛାତ୍ରୀଛାତ୍ର, ବସ୍‌ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା, ସେଚ୍ଛାସେବୀ ସଂଗଠନ ଏବିଏସ୍‌ କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶେଷରେ ଅନ୍ୱେଷଣ ଥିଏଟର ଗ୍ରୁପକୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅନ୍ୱେଷଣ ଥିଏଟର ଗ୍ରୁପ୍‌କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ତିର୍ତ୍ତୋଲରେ ଧାନ ମଣ୍ଡି ଖୋଲିଲା

ତିର୍ତ୍ତୋଲ, ୮ା୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅଧୀନ ବିରିତୋଳ ଓ କନକପୁର ଜନକଲ୍ୟାଣ ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିରିତୋଳ ସେବା ସମବାୟ ସମିତିରେ ଜଗତ୍‌ସିଂହପୁର ଜିଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏନେଇ ଆୟୋଜିତ ସଭାରେ ସମିତି ସଭାପତି ଅଶ୍ୱିନୀ ଦାସ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ସୁନୀଲ କୁମାର ବେହେରା, ଜିଲା ପରିଷଦ ସଭ୍ୟା ରଞ୍ଜିତା ସିଂହ, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ତିର୍ତ୍ତୋଲ ଶାଖା ମ୍ୟାନେଜର ଫକୀର ଚରଣ ସ୍ୱାଇଁ, ଏରିଆ ଅଫିସର ବିବେକାନନ୍ଦ ବେହେରା, ଆର୍ ଏମଏସ ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ସମିତି ଉପସଭାପତି ମମତା ଦାଶ ଓ ଗୋପାଳପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ମହାନ୍ତି ଓ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କୃଷିବିକାଶ କ୍ଷେତ୍ରରେ ସମବାୟ ସେବା ସମିତିଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ଚାଷୀ ଯେପରି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ, ସେଥିପ୍ରତି ସମସ୍ତେ ଦାୟିତ୍ୱ ନିର୍ବାହ କରିବା ଲାଗି କହିଥିଲେ। କନକପୁର ଜନକଲ୍ୟାଣ ସେବା ସମବାୟ ସମିତିରେ ତିର୍ତ୍ତୋଲ ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ ଏହି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିରେ ଏରିଆ ଅଫିସର ବିବେକାନନ୍ଦ ବେହେରା, କୃଷି ବିଭାଗ ଉପଅଧିକାରୀ ଶୁଭଲକ୍ଷ୍ମୀ ଦାସ, ଏଆରସିଏସ୍ ସନ୍ତୋଷ କୁମାର ମଲ୍ଲିକ, ସମ୍ପାଦକ ପରିକ୍ଷିତ ଦାସ, ରଣଜିତ୍ ସାହୁ, ଭିଏଡବ୍ଲ୍ୟୁ କାଳୀ ପ୍ରସନ ସେଠୀ, ନିୟନ୍ତ୍ରିତ ବଜାର କମିଟିର ସୂର୍ଯ୍ୟକାନ୍ତ ଦାସ, ସମିତିସଭ୍ୟା ରୋଜାଲିନ ଜେନା ଓ ସମିତିର ଉପସଭାପତି ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାଭାବିକ ହେଲା ତୈଳ ପରିବହନ

ପାରାଦୀପ, ୮ା୧ (ଶରତ ରାଉତ)

ଓଡ଼ିଶା ପରିବହନ ମହାସଂଘ ପକ୍ଷରୁ ସୋମବାର ସକାଳେ ପାରାଦୀପର ତୈଳ ଟର୍ମିନାଲ ଆଗରେ ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ନୂଆ ହିଟ୍ ଆଣ୍ଡ ରନ୍ ଆଇନକୁ ବିରୋଧ କରି ଏପରି କରାଯାଇଥିଲା। ମଧ୍ୟାହ୍ନରେ ସଂଘର କର୍ମକର୍ତ୍ତାଙ୍କ ସହ ରାଜ୍ୟ ସରକାର ଆଲୋଚନା କରିଥିଲେ। ଏଥିରେ କିଛି ପ୍ରସଙ୍ଗରେ ସହମତି ପ୍ରକାଶ ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ନ ୨ଟା ପରଠାରୁ ତୈଳ ଡିପୋରେ ପରିବହନ ସ୍ୱାଭାବିକ ହୋଇଛି।

### ଯୁଗ୍ମ ଜନଶୁଣାଣିରେ ୨୮୬ ଅଭିଯୋଗ

କୁଜଙ୍ଗ, ୮ା୧ (ମନୋଜ ପ୍ରଧାନ)

କୁଜଙ୍ଗ ସୂଚନା କେନ୍ଦ୍ରଠାରେ ଜିଲା ପ୍ରଶାସନ ତରଫରୁ ସୋମବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଉକ୍ତ ଶିବିରରେ ୨୮୬ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୨୭୪ ଓ ଗୋଷ୍ଠୀଗତ ସମସ୍ୟା ବା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୨ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମ୍ପର୍କିତ ୧୨, ଆବାସ ଯୋଜନା ସମ୍ପର୍କିତ ୫, ଜମିଜମା ସଂକ୍ରାନ୍ତୀୟ ୧୯୨, ଭତ୍ତା ସମ୍ପର୍କିତ ୬, ପୋଲିସ ସହାୟତା ସମ୍ପର୍କିତ ୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧ ଏବଂ ଅନ୍ୟାନ୍ୟ ୧୬ଟି ଅଭିଯୋଗର ଶୁଣାଣି ହୋଇଥିଲା । ୪୦ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍.ପି ରାହୁଲ ପିଆର, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ରବି ନାରାୟଣ ଜେଠୀ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ କୁମାର ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡାଇ ଗ୍ରାମର ଦିବ୍ୟାଙ୍ଗ ପ୍ରକାଶ ବେହେରାଙ୍କୁ ଜିଲାପାଳ ଏକ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ୨ଜଣ ଛାତ୍ର ଯଥା ଗୋପିଆକୁଦର ଅମିତ ପାଣି ଏବଂ ମଙ୍ଗରାଜପୁରର ରାକେଶ ପଣ୍ଡାଙ୍କୁ ଲାପଟପ ପ୍ରଦାନ କରିଥିଲେ। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟରେ ବିବେକାନନ୍ଦଙ୍କୁ ଅସମ୍ମାନ

**ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ କଲେଜ**

■ ଗଛ ତଳେ ରହିଛି ପ୍ରତିମୂର୍ତ୍ତି

ଜଗତ୍‌ସିଂହପୁର, ୮ା୧ (ପ୍ରମୋଦ କୁମାର ନାୟକ)

ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ପାଇଁ ଗର୍ବ, ଗୌରବ ଓ ପ୍ରେରଣାର ଉତ୍ସ। ଯୁବ ସମାଜ ପାଇଁ ତାଙ୍କ ବାଣୀ ଯୁଗାନ୍ତକାରୀ ଥିଲା। ତାଙ୍କ ନୀତି, ଆଦର୍ଶକୁ ପାଥେୟ କରି ଜଗତ୍‌ସିଂହପୁରରେ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ମହାବିଦ୍ୟାଳୟ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ଏହା ଏସ୍‌ଭିଏମ୍ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିଚୟ ପାଇଲା। ମହାବିଦ୍ୟାଳୟ ଆରମ୍ଭରୁ ମୁଖ୍ୟ ଫାଟକ ଶୀର୍ଷରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। କିନ୍ତୁ ଦୁଃଖର କଥା, କିଛି ଦିନ ହେବ ଏହି ପ୍ରତିମୂର୍ତ୍ତି ଫାଟକ ନିକଟ ଏକ ଗଛ ମୂଳେ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ମହାବିଦ୍ୟାଳୟରେ ପାଖାପାଖି ୬ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଅଧ୍ୟକ୍ଷଙ୍କ ସମେତ ଶତାଧିକ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯାତାୟାତ କରୁଛନ୍ତି। ପ୍ରତ୍ୟେକଙ୍କ ଆଖିରେ ଏହି ଭଗ୍ନ ପ୍ରତିମୂର୍ତ୍ତି



ଗଛମୂଳରେ ରଖାଯାଇଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି।

ପଡୁଛି। ଅନେକ ଛାତ୍ରୀଛାତ୍ରଙ୍କ ମନରେ ଏହି ଦୃଶ୍ୟ ଗଭୀର ରେଖାପାତ କରୁଥିଲେ ସୁଦ୍ଧା ଅଧ୍ୟକ୍ଷଙ୍କ ଉପରେ କୌଣସି ଫରକ ପଡୁନାହିଁ। ଏହା କେବଳ ଛାତ୍ରୀଛାତ୍ରଙ୍କୁ ଦୁଃଖ ଦେଉନି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କୁ ଯନ୍ତ୍ରଣା ଦେଉଛି। ଯେଉଁ ମହାବିଦ୍ୟାଳୟ ଦିନେ ରାଜ୍ୟରେ ସୁନାମ ଅର୍ଜନ କରିଥିଲା, କାଳକ୍ରମେ ତାହା ପୂର୍ବ ଗୌରବ ବଜାୟ ରଖିବାରେ ଅସମର୍ଥ ହେଲାଣି। ଶୈକ୍ଷିକ ପରିବେଶ ଦିନକୁ ଦିନ ନିମ୍ନଗାମୀ ହେଉଛି। ମହାବିଦ୍ୟାଳୟ ପରିସରରେ ଗଞ୍ଜେଇ, ମଦ ଏପରି କି ବ୍ରାଉନ୍ ସୁଗାର ଭଳି ମାରାତ୍ମକ ନିଶା ସେବନ କରାଯାଉଥିବା ଅଭିଯୋଗ ହେଉଛି। ବଡ଼ କଥା ହେଲା, ଯେଉଁ ମହାପୁରୁଷଙ୍କ ନାମରେ ମହାବିଦ୍ୟାଳୟ ଗଢ଼ିଉଠିଛି ତାଙ୍କୁ ଆଜି ଅସମ୍ମାନିତ କରାଯାଉଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ପାତ୍ରଙ୍କୁ ତାଙ୍କ ମୋବାଇଲ ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ। ସୂଚନାଯୋଗ୍ୟ, ମହାବିଦ୍ୟାଳୟ ପାର୍ଶ୍ୱ ନବ ନିର୍ମିତ ଇଣ୍ଡୋର ଷ୍ଟାଡିୟମକୁ ଯାତାୟାତ ପାଇଁ ରାସ୍ତା ନିର୍ମାଣ ଚାଲିଛି। ମହାବିଦ୍ୟାଳୟ ମୁଖ୍ୟ ଫାଟକ ପଟ ପାଚେରି ଭଙ୍ଗା ଯାଇ ନୂଆ କରାଯାଇଛି। ତେବେ ଏହାକୁ ଭାଙ୍ଗିଲା ବେଳେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସୁରକ୍ଷିତ ଭାବେ ଅଣାଯାଇ ଦାୟିତ୍ୱର ସହ ରଖାଯିବା କଥା। କିନ୍ତୁ ଫାଟକ ପାଖ ଏକ ଗଛ ମୂଳେ ଯେଉଁଭଳି ଡେରି ରଖାଯାଇଛି ତାହା ଚିନ୍ତାର କାରଣ ହୋଇଛି। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସ୍ୱାମୀ ବିବେକାନନ୍ଦଙ୍କୁ ଅସମ୍ମାନିତ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ କମ୍ପିଲା



ରଘୁନାଥପୁର ବ୍ଲକରେ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

ଜଗତ୍‌ସିଂହପୁର, ୮ା୧ (ପ୍ରମୋଦ କୁମାର ନାୟକ)

ଗତ ୬ ତାରିଖରୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ବୁଲୁଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ତୃତୀୟ ଦିନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ରଥ ରଘୁନାଥପୁର ବ୍ଲକର ବିଦ୍ୟାଧରପୁର, ରେଡୁଆ, ଜଗନ୍ନାଥପୁର ଓ ତରିକୁନ୍ଦ ପଞ୍ଚାୟତରେ ପରିକ୍ରମା କଲାବେଳେ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇପଡିଥିଲା। ବିଦ୍ୟାଧରପୁର ପଞ୍ଚାୟତରେ ପରିକ୍ରମା ବେଳେ ସରପଞ୍ଚ ସାହେବ ତବସୁମ ଓ ସମିତି ସଭ୍ୟା ସାଗରିକା ତରେଇ ସଂକୀର୍ତ୍ତନ ମଣ୍ଡଳୀ ସହ ନୂଆପଡ଼ା ମହାଦେବ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ଥିଲେ। ସେହିପରି ରଥ ରେଡୁଆ ପଞ୍ଚାୟତର ମୁଣ୍ଡାଳ ଗ୍ରାମରୁ ବାହାରି ଗହ୍ଲାପୁର, ହାଟଗ୍ରାମ, ନୂଆଗଡ଼, ବାରିତିରା ସହ ଅନ୍ୟ ଗ୍ରାମକୁ ପରିକ୍ରମା କରିଥିଲା। ଏହି ସମୟରେ ରେଡୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଜଗନ୍ନାଥପୁର ପଞ୍ଚାୟତରେ ପରିକ୍ରମା ବେଳେ ସରପଞ୍ଚ ଜଗନ୍ନାଥ ମଲ୍ଲିକ ଉପସ୍ଥିତ ଥିଲେ। ବିଡିଓ ନମିତା ବାରିକ, ଜିପିଓ ସ୍ମାରକ ମହାନ୍ତି ଓ କୋଷାଧ୍ୟକ୍ଷ ଭବେଶ କୁମାର ବେହେରା ବିଭିନ୍ନ ପଞ୍ଚାୟତ ଗସ୍ତ କରି କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଅନୁରୂପ ଭାବେ ରଥ ଏରସମା ବ୍ଲକର ଜାନକାଦେଇପୁର, ଗୋଡ଼ା ଓ ସୋମପୁର ଆଦି ପଞ୍ଚାୟତ ପରିକ୍ରମା କରିଥିଲା। ଜାନକାଦେଇପୁର ପଞ୍ଚାୟତରେ ସରପଞ୍ଚ ଜିତେନ୍ଦ୍ର ବେହେରା, ଜିଆର୍‌ଏସ୍ ରଶ୍ମି ମଞ୍ଜରୀ ସ୍ୱାଇଁ, ଏମ୍‌ବିକେ ଗିରିବାଳା ମହାନ୍ତିଙ୍କ ସହିତ ସମସ୍ତ ସିଆରପି, ୱାର୍ଡ ସଭ୍ୟାସଭ୍ୟ, ଇସି ସଭ୍ୟା ଉପସ୍ଥିତ ହୋଇ ରଥକୁ ଶୋଭାଯାତ୍ରାରେ ନେଇଥିଲେ। ରଥ ସାହାଡ଼ା, ଲଛମାକଣ, ନରସିଂହପୁର ଗ୍ରାମ ପରିକ୍ରମା କରିଥିଲା। ଗୋଡ଼ା ପଞ୍ଚାୟତରେ ସଂକୀର୍ତ୍ତନ ମଣ୍ଡଳୀ ସହ ରଥ ଗୋଡ଼ା ଓ ଗତେଶ୍ୱରପୁର ଗ୍ରାମ ପରିକ୍ରମା କରିଥିଲା। ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକ, ପିଇଓ ନାରାୟଣ ବାରିକ, ଜିଆର୍‌ଏସ୍ ମନୋରଞ୍ଜନ ରାଉତ, ଏମବିକେ ଲତିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୋମପୁରରେ ସରପଞ୍ଚ ସୁକାନ୍ତି ରାଉତ, ଜିଆରଏସ୍ ସୁଦର୍ଶନ ସ୍ୱାଇଁ, ପିଇଓ ଦୀପକ ଦାସ, ଏମ୍‌ବିକେ ପ୍ରଭାତୀ ଓଝା ପ୍ରମୁଖ ସାମିଲ ହୋଇଥିଲେ।

### ଗୁଆଳିପୁରରେ ଧାନମଣ୍ଡି ଶୁଭାରମ୍ଭ

ରଘୁନାଥପୁର, ୮ା୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଗୁଆଳିପୁର କୃଷି ସମବାୟ ସମିତି ପକ୍ଷରୁ ସୋମବାର ଚଳିତ ବର୍ଷ ପାଇଁ ଧାନମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଜୋନ ୧ ଜିଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମିତି ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତିଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମନଜିନି ସାହୁ ଓ ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ପୂରଣଓ ସମିତି ସଭ୍ୟା ପ୍ରିୟତମା ରାଉତ, ନୀହାର ରଞ୍ଜନ ସାହୁ, ସମିତି ସଭାପତି ସୁଧାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ମୁରବି ତଥା କ୍ରୟ କମିଟି ସଦସ୍ୟ ଜ୍ଞାନରଞ୍ଜନ ପଟ୍ଟନାୟକ, ମୁରଲୀଧର ମହାନ୍ତି, କେଶବ କୁମାର କଅଁର, ଅଭୟ ସ୍ୱାଇଁ, ସମୀର ରାଉତ, ରବୀନ୍ଦ୍ରନାଥ ସ୍ୱାଇଁ, ପ୍ରକାଶ ମଲ୍ଲିକ, ଅଢ଼େଇକୁଳ ସରପଞ୍ଚ ଅନସୂୟା ସ୍ୱାଇଁଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ। ମଣ୍ଡିରେ ଧାନଦେବା ପାଇଁ ୮୩୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ମୋଟ ୨ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ରହିଛି। ରାଧାନଗରସ୍ଥିତ ଲକ୍ଷ୍ମୀ ଆଗ୍ରୋ ରାଇସ୍ ମିଲ ଧାନ କ୍ରୟ କରିବା ପାଇଁ ସ୍ଥିର ହୋଇଛି। ସମସ୍ତ ଚାଷୀ ମଣ୍ଡିକୁ ଶୃଙ୍ଖଳା ଓ ସଫା ଧାନ ଆଣି ଉଚିତ ପ୍ରାପ୍ୟ ପାଇବା ପାଇଁ କ୍ରୟ କମିଟି ସଦସ୍ୟ ପଟ୍ଟନାୟକ ପ୍ରକାଶ କରିଥିଲେ। ସହସମ୍ପାଦକ ପ୍ରଭାକର ରାଉତ ଧନ୍ୟବାଦ ଦେଇଥିଲେ। ଡିଇଓ ଲିଙ୍ଗରାଜ ସାହୁ ଓ କର୍ମଚାରୀ ଅଜୟ ପଟ୍ଟନାୟକ ସହଯୋଗ କରିଥିଲେ।


ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଅଭିଲିପ୍ସା



@ ଆଶୀର୍ବାଦ



@ ବିଭୂତି



@ ଜ୍ଞାନରଞ୍ଜନ



@ ସାଗର


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ପୂର୍ବାଞ୍ଚଳ ଭାରତ ବିଜ୍ଞାନ ମେଳା ପାଇଁ ଈପ୍‌ସିତା ମନୋନୀତ

**ଗ୍ୟାସ ଟାଙ୍କି ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ପ୍ରକଳ୍ପ କରିଛନ୍ତି**



ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଈପ୍‌ସିତାଙ୍କୁ ସମ୍ମାନିତ କରାଯାଉଛି।

ଜଗତ୍‌ସିଂହପୁର, ୮ା୧ (ପ୍ରମୋଦ କୁମାର ନାୟକ)

ସମ୍ପ୍ରତି ଦେଖାଯାଉଛି ରୋଷେଇ ଘରେ ଗ୍ୟାସ ଟାଙ୍କି ଫାଟି ଅନେକ ମୃତାହତ ହେଉଛନ୍ତି। ଏଭଳି ବିପଦରୁ ରକ୍ଷା ପାଇବା ପ୍ରତ୍ୟେକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ବିପଦରୁ ରକ୍ଷା ପାଇବା ପାଇଁ ଜଗତ୍‌ସିଂହପୁର ଆଳିପିଙ୍ଗଳସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଈପ୍‌ସିତା ବେହେରା ଏକ ପ୍ରକଳ୍ପ ପ୍ରସ୍ତୁତ କରି ଆଲୋଚନାର ପରିସରକୁ ଆସିଛନ୍ତି। ତାଙ୍କ ପ୍ରକଳ୍ପ ମୟୂରଭଞ୍ଜ ଜିଲା ବାରିପଦାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଶ୍ରେଷ୍ଠ ୨୫ଟି ପ୍ରକଳ୍ପ ମଧ୍ୟରେ ସ୍ଥାନିତ ହୋଇଛି। ଈପ୍‌ସିତା କଲିକତାର ବୁର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକ୍ନୋଲୋଜିକାଲ ମ୍ୟୁଜିୟମ (ବିଆଇଟିଏମ୍)ରେ ହେବାକୁ ଥିବା ପୂର୍ବାଞ୍ଚଳ ଭାରତ ବିଜ୍ଞାନ ମେଳା (ଇଆଇଏସ୍‌ଏଫ୍)ରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଗତ ୫ରୁ ୭ ତାରିଖ ମଧ୍ୟରେ ମୟୂରଭଞ୍ଜ ଜିଲା ବାରିପଦାଠାରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଈପ୍‌ସିତାଙ୍କ ସମେତ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ଛାତ୍ର ଆସ୍ତିକ ରାଉଳ, ପଞ୍ଚପଲ୍ଲୀର ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟ ଛାତ୍ର ସ୍ୱାଧୀନ ମହାନ୍ତି, ମହିଉଦ୍ଦିନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଜମାଇଉଦ୍ଦିନ ଏବଂ ଆଖଣ୍ଡଳ ଉପ୍ରା ବିଦ୍ୟାଳୟର ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ କର ଅଂଶଗ୍ରହଣ କରିଥିଲେ। ଈପ୍‌ସିତା ତାଙ୍କ ପ୍ରକଳ୍ପରେ ଏଭଳି ଏକ ରେଗୁଲେଟର ପ୍ରସ୍ତୁତ କରିଥିଲେ, ଯାହାକି ସମ୍ଭାବ୍ୟ ବିପଦରୁ ରକ୍ଷା କରିପାରିବ। ଅର୍ଥାତ୍ କୌଣସି କାରଣରୁ ଗ୍ୟାସ ଟାଙ୍କିରେ ନିଆଁ ଲାଗିଲେ ରେଗୁଲେଟର ଆପେ ଆପେ ସିଲିଣ୍ଡରରୁ ବାହାରିଯିବ। ଏହାଦ୍ୱାରା ସିଲିଣ୍ଡରରୁ ଗ୍ୟାସ ପ୍ରବାହ ବନ୍ଦ ହୋଇଯିବ ଏବଂ ଆପଣାଛାଏଁ ନିଆଁ ଲିଭିଯିବ। ଈପ୍‌ସିତାଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ରାଜ୍ୟଶ୍ରୀ ସାହୁ ଏବଂ ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୧୫୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା।

**ସରପଞ୍ଚ ସଂଘର ଖବରଦାତା ସମ୍ମିଳନୀ**

# ବିଡିଓଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

ନାଉଗାଁ, ୮ା୧ (ସୁଧା ବେହୁରା)

ନାଉଗାଁ ବ୍ଲକ ବିଡିଓ ମନମୁଖି ଭାବେ କାର୍ଯ୍ୟ କରୁଥିବାବେଳେ ସରକାରୀ ନିୟମ ଉଲ୍ଲଂଘନ କରୁଥିବା ନେଇ ସରପଞ୍ଚ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସୋମବାର ସଂଘ ପକ୍ଷରୁ କାଦମ୍ବିନୀ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ କୁହାଯାଇଛି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ସବୁ ପଞ୍ଚାୟତରେ ଜନସଚେତନତା ସୃଷ୍ଟି କରାଯାଉଛି। ଏହି କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ତରଫରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ସେଥିରେ ଗ୍ରାମ ପଞ୍ଚାୟତକୁ ସାମିଲ କରିବା ପାଇଁ ଉଲ୍ଲେଖ କରାଯାଇଛି। କିନ୍ତୁ ନାଉଗାଁ ବିଡିଓ ପଞ୍ଚାୟତ ପ୍ରତିନିଧିଙ୍କୁ ଉପେକ୍ଷା କରୁଛନ୍ତି। ଅନ୍ୟ ଜିଲା ଓ ବ୍ଲକଗୁଡ଼ିକରେ ପଞ୍ଚାୟତକୁ ଅର୍ଥରାଶି ପ୍ରଦାନ କରାଯାଇଥିବା ବେଳେ ଏହି ବ୍ଲକରେ ତାହା କରାଯାଉ ନାହିଁ। ଏହି କାର୍ଯ୍ୟକ୍ରମ ସମେତ ପୂର୍ବରୁ ହୋଇଥିବା ନୂଆ-ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବ୍ଲକକୁ ଆସିଥିବା ଅର୍ଥରାଶିକୁ ହରିଲୁଟ କରାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ସହ ଏହାର ନକଲ ୫-ଟି, ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଓ ପଞ୍ଚାୟତିରାଜ ବିଭାଗକୁ ପ୍ରେରଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟକ୍ରମ ଜାରି ରହିଛି। କାର୍ଯ୍ୟକ୍ରମ ପାଇଁ ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ଚିଠି କରାଯାଇଛି। ଯେଉଁ ସବୁ ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି, ସେଠାରେ ସରପଞ୍ଚମାନେ ସହଯୋଗ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଦୋଳ ଗୋବିନ୍ଦ ରାଉଳ, ଘୋଡାଂଶ ସରପଞ୍ଚ ନୀହାର ରଞ୍ଜନ ବସ୍ତିଆ, ନାଉଗାଁ ସରପଞ୍ଚ ପ୍ରାଚୀ ସାଗରିକା ନାୟକ, ଅଲଣା ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ଗିଲା ଦାସ, ଲକ୍ଷ୍ମୀପ୍ରିୟା ମଲିକ, ରୋହିଆ ସରପଞ୍ଚ ହେମାମାଳିନୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା, ପ୍ରସାର ପାଇଁ ଯତ୍ନବାନ ହୁଅ

ତିର୍ତ୍ତୋଲ, ୮ା୧ (ଗୌରାଙ୍ଗ ଚରଣ ସ୍ୱାଇଁ)

**ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ**



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସାଗବାରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ୧୬ତମ ବାର୍ଷିକୋତ୍ସବ ସ୍ଥାନୀୟ ଉତ୍କଳ ବିପନ୍ନ ସମିତି ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବର୍ଷିୟାନ ପାଲା ଗାୟକ ଶେଖର ଜଗନ୍ନାଥ ବେହେରା ଉଦ୍‌ଘାଟନ କରିଥିଲେ । ସଂସଦର ଉପସଭାପତି ହେମନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ଆସରରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ତଥା ବିଶିଷ୍ଟ ସାହିତ୍ୟକ ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇଥିଲ। ଏହି ଅବସରରେ ପାଟ୍ଟଶାଣୀ ମା'ଶାରଳାଙ୍କ ମାଟିର ପ୍ରଶଂସା କରିବା ସହ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା, ପ୍ରସାର ପାଇଁ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ତଥା ସୁନାମଧନ୍ୟ ଚିକିତ୍ସକ ଡା.ଆଲୋକ କୁମାର ସାହୁ, ସମ୍ମାନିତ ଅତିଥିଭାବେ ସଂସଦର ମୁଖ୍ୟ ତଥା ସମ୍ପାଦକ ଗୋଲୋକ ବିହାରୀ ପଲାଇ, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ରାଉତ, ସାହିତ୍ୟିକ ଓ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସାହିତ୍ୟିକ ଡ.ଜ୍ଞାନହରଞ୍ଜନ ନନ୍ଦ, କବୟିତ୍ରୀ ସୌଭାଗିନୀ ରାୟ, ବରଗଡ ଧନୁଯାତ୍ରା କମିଟି ସଭାପତି ଦୟାନିଧି ପ୍ରଧାନ, ପୂର୍ବତନ କଂସ ଚିନ୍ତାମଣି ଚୌହାନ, ଇସ୍ରୋର ବିଶିଷ୍ଟ ବୈଜ୍ଞାନିକ କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ସୁସାହିତ୍ୟିକା ଜ୍ୟୋତ୍ସ୍ନା ସାମନ୍ତରାୟ, ସାହିତ୍ୟିକ କୃଷ୍ଣଚନ୍ଦ୍ର ମହାପାତ୍ର, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ଜ୍ୟୋତିର୍ବିଦ ଅରୁଣ କୁମାର ପାଣି, କବି ନଗେନ୍ଦ୍ରନାଥ ସ୍ୱାଇଁ, ପଣ୍ଡିତ ନାଗୁଚରଣ ଦେବତା ଯୋଗଦେଇ ସାହିତ୍ୟ ସମ୍ପର୍କ ଯୋଡ଼ିଥାଏ ବୋଲି କହିଥିଲେ। ସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସାଇ ଋତୁପର୍ଣ୍ଣା ପରିଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମରେ ସଂସଦର ଶ୍ରେଷ୍ଠ ସମ୍ମାନ 'ସୁଶ୍ରୀ ସମ୍ମାନ' ବାଙ୍ଗାଲୋର ସାହିତ୍ୟ ସମାଜର ସଭାପତି ତାପସରାଜ ମହାରଣାଙ୍କୁ ପ୍ରଦାନ କରାଯାଇଥିଲା। କବୟିତ୍ରୀ ସବିତା ନାୟକ ଓ ପ୍ରତିଭା ମିଶ୍ରଙ୍କ ସଂଯୋଜନାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ କରାଯାଇଥିଲା। ଏଥିରେ ତିଲୋତ୍ତମା ଦାସ, ମାନସୀପ୍ରଭା ସ୍ୱାଇଁ, ଚୁନିବାଳା ମଲ୍ଲିକ, ଶିବପ୍ରସାଦ ସାହୁ, ଦୀପ୍ତି ଖଣ୍ଡୁଆଳ, ଶାନ୍ତନୁ ଷଡ଼ଙ୍ଗୀ, ପଣ୍ଡିତ ବାସବ ନନ୍ଦ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ସଂସଦର ସଭାପତି ପ୍ରେମଚରଣ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଆଜୀବୀ ମଞ୍ଜୁଲତା ରାଉତ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ହୃଷିକେଶ ଜେନା, ସଂଗ୍ରାମ କେଶରୀ ସ୍ୱାଇଁ, ଯଯାତି କେଶରୀ ସାମନ୍ତରାୟ, ବିଭୁସିତା ଦାସ, ଇଂ. ବିଧାନ ରାଉତରାୟ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସନ୍ଧ୍ୟାରେ ବରଗଡ ଧନୁଯାତ୍ରା କଳାକାରଙ୍କ କଂସ ଦରବାର ଅନୁଷ୍ଠିତ ହୋଇଥିଲା । କୈଳାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ଗରିବୀ ହଟାଇବାକୁ ପିଲାଙ୍କୁ ପାଠ ପଢ଼ାଅ

## ନୟାଗଡ଼ରେ ରାଜ୍ୟପାଳ

### ଭଲ କ୍ୱାଲିଟି ଓ ବ୍ରାଣ୍ଡ କଲେ ସବୁ ଉପକରଣର ବଢ଼ିବ ଚାହିଦା

ନୟାଗଡ/ରଣପୁର/ଶରଣକୁଳ,୮।୧(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ/ଦୀପକ କର)

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ନୟାଗଡ଼ ଜିଲାକୁ ଏକ ଦିବସୀୟ ଗସ୍ତରେ ଆସି ସରକାରୀ ଯୋଜନାର ଅନୁଧ୍ୟାନ କରିବା ସହ ଲୋକଙ୍କ ଭଲମନ୍ଦ ପଚାରି ବୁଝିଛନ୍ତି। ଗରିବ ହଟାଇବା ପାଇଁ ପୁଅ ଝିଅଙ୍କୁ ପାଠ ପଢ଼ାଇବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଯେକୌଣସି ଉପକରଣର ବିକ୍ରିବଟା ବଢ଼ିବା ପାଇଁ ଭଲ କ୍ୱାଲିଟି ଓ ଭଲ ବ୍ରାଣ୍ଡ କରିବାକୁ କହିଛନ୍ତି। ରାଜ୍ୟପାଳ ପ୍ରଥମେ ଲେଙ୍କୁଡିପଡ଼ା ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଛୋଟ ଛୋଟ ପିଲାଙ୍କୁ ଚକୋଲେଟ ଦେଇ କଥା ହୋଇଥିଲେ। ପୁଣି ଅଭିଭାବକଙ୍କ ସହ ଆଲୋଚନା କରିଛନ୍ତି। ଘରେ ଛୁଆର ଜନ୍ମ ଦିବସରେ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଫଳମୂଳ ଓ ଖାଦ୍ୟ ପଦାର୍ଥ ଶିଶୁଙ୍କୁ ବାଣ୍ଟିବାକୁ ପରାମର୍ଶ ଦେଇଛନ୍ତି। ଲେଙ୍କୁଡିପଡ଼ାରେ ପ୍ରଶାସନ ପକ୍ଷରୁ ଗାର୍ଡ ଅପ ଅନର ଦିଆଯାଇଥିଲା। ପୁଣି ପୋଷଣ ଯୋଜନା ଉପରେ କଥା ହୋଇଥିଲେ। ମାଛିପଡ଼ାରେ ୫ଟି ସ୍କୁଲର ଅନୁଧ୍ୟାନ କରିଥିଲେ। ଏଠାରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ନେଇ ଆଲୋଚନା କରିଥିଲେ। ଶଙ୍ଖେଇ ଗାଁକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାରୀ ଅନୁଦାନ ଠିକ୍ ଭାବେ ପାଉଛନ୍ତି ନାଁ କ'ଣ, ଅସୁବିଧା ହେଉଛି ସେନେଇ ହିତାଧିକାରୀଙ୍କ ସହ କଥା ହୋଇଥିଲେ।



ରାଜ୍ୟପାଳ ରଘୁବର ଦାସ ଶରଣକୁଳ ଲଡୁବାବାଙ୍କ ଦର୍ଶନ କରି ମନ୍ଦିରରୁ ବାହାରୁଛନ୍ତି।



ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ଛେନାପୋଡକୁ ରାଜ୍ୟପାଳ ଦେଖୁଛନ୍ତି।

ରଣପୁର ବ୍ଲକର ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଅନଧ୍ୟାନ କରିଥିଲେ। ଡାକ୍ତର ଓ ରୋଗୀଙ୍କୁ ଭେଟି ଆଲୋଚନା କରଥିଲେ। ପୁଣି ସ୍ଥାନୀୟ ଦର୍ପନାରାୟଣପୁର ଲୋକଙ୍କ ଆପତି ଅଭିଯୋଗ ଶୁଣିଲେ। ଧାନମଣ୍ଡିରେ କଟନି ଛଟନି ପରି କିଛି ଅଭିଯୋଗର ସମାଧାନ ପାଇଁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନରେ ୧୫୦ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ କେଉଁ କାମ କରୁଛନ୍ତି, ମାସକୁ ରୋଜଗାର କେତେ, ସରକାରୀ ଅନୁଦାନ ଠିକ୍‌ରେ ମିଳୁଛି କି ନାଁ ପଚାରି ବୁଝିଥିଲେ। ଆପତ୍ତି ଅଭିଯୋଗ ଶୁଣିଥିଲେ।

ଗରିବ ମା' ବାପା ପିଲାଙ୍କୁ ପାଠ ପଠାଇବାକୁ ଅନୁରୋଧ କରିଥିଲେ। ଝିଅକୁ ଅଣଦେଖା ନ କରିବାକୁ କହିବା ସହ ବର୍ତ୍ତମାନର ରାଷ୍ଟ୍ରପତିଙ୍କ ଉପରେ ଟିପ୍ପଣି ଦେଇଥିଲେ। ଗାଁର ଉନ୍ନତି ହେଲେ ଦେଶ ବଦଳିବ। ଓଡ଼ିଶାରେ ୪୯ ପ୍ରତିଶତ ଛାତ୍ରୀଛାତ୍ର ପାଠ ଛାଡୁଛନ୍ତି। ଯାହାକି ଚିନ୍ତାର ବିଷୟ। ଗରିବ ମା' ବାପା ନିଜର ପୁଅ ଝିଅକୁ ପାଠ ପଢ଼ାନ୍ତୁ। ଦେଶରୁ ଗରିବ ହଟିବ। ଦେଶ ବଦଳିବ। ଭଲ କ୍ୱାଲିଟି, ଭଲ ବ୍ରାଣ୍ଡ, ଥିଲେ ଆପଣଙ୍କର ଉପକରଣର ଚାହିଦା ବଢ଼ିବ। କଣ୍ଟେଇମୁଣ୍ଡି ବାଇଗଣ ଜିଆଇ ଟ୍ୟାଗ ମାନ୍ୟତା ପାଇଥିବାବେଳେ ଛେନାପୋଡ଼ ଦୌଡ଼ରେ ଥିବା ନେଇ ବୁଝିଥିଲେ। ଇକିରି ମୁଗ ବି ଜିଆଇ ଟ୍ୟାଗର ମାନ୍ୟତା ପାଇଁ ଚେଷ୍ଟା କରାଯିବ ବୋଲି କୁହାଯାଇଛି। ରାଜ୍ୟପାଳଙ୍କ ହିନ୍ଦିର କଥାବାର୍ତ୍ତାକୁ ଜିଲାପାଳ ଓଡ଼ିଆରେ ଅନୁବାଦ କରି କହିବା ପରେ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ନିଜର ସୁବିଧା ଅସୁବିଧା ଉପସ୍ଥାପନ କରିଥିଲେ। ସନ୍ଧ୍ୟାରେ ଶରଣକୁଳ ଲଡୁବାବା ମନ୍ଦିରରେ ଲଡୁବାବା, ମା' ପାର୍ବତୀ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିଛା ତୋଷବନ୍ତ କର, ବଡପଣ୍ଡା ଆଶିଷ କୁମାର ମହାପାତ୍ର, ସେବାୟତ ପ୍ରଭାତ ମହାପାତ୍ର, ରଞ୍ଜନ କୁମାର ମହାପାତ୍ର ରାଜ୍ୟପାଳଙ୍କୁ ଦର୍ଶନ କରାଇଥିଲେ। ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଠାରୁ ଲଡୁବାବାଙ୍କ କୀମ୍ବଦନ୍ତୀ ଓ ମନ୍ଦିର ବେଢ଼ାକୁ ଲାଗି ରହିଥିବା ପୁଷ୍କରିଣୀର ଇତିହାସକୁ ରାଜ୍ୟପାଳ ଶୁଣିଥିଲେ। କଟରାଝରୀ ବନ୍ଧ ଓ କୁସୁମୀ ନଦୀର ଉଠା ଜଳସେଚନ ତିନୋମାଳି ଗହୀରରକୁ ପର୍ଯ୍ୟାପ୍ତ ପାଣି ଯୋଗାଉ ନ ଥିବାରୁ ମରୁଡ଼ି ନେଇ ଲଡୁବାବାଙ୍କ ସେବାୟତ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଦର୍ଶନ ସାରି ଫେରିବାବେଳେ ମନ୍ଦିର ବାହାରେ ଅପେକ୍ଷାରତ ଲୋକଙ୍କ ସହ କଥାବାର୍ତ୍ତା ହେବା ସହ ସ୍ଥାନୀୟ ଜନସାଧାରଣଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ପରେ ଭୁବନେଶ୍ୱର ଫେରି ଯାଇଥିଲେ।

# ଜଗନ୍ନାଥଙ୍କ ମହିମା ପ୍ରଚାର କରୁଛି ଅର୍ପଣ ରଥ



ଅର୍ପଣ ରଥ ପରିକ୍ରମାରେ ସାମିଲ ହୋଇଥିବା ମହିଳାମାନେ।

ନୟାଗଡ,୮।୧(ଲୋକନାଥ ମିଶ୍ର)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ନିକଟରେ ଭଜନ, ସଂକୀର୍ତ୍ତନ, ହୁଳହୁଳି ଓ ଘଣ୍ଟ ନାଦରେ ଗାଁ ଓ ସହର ପ୍ରକମ୍ପିତ ହେଉଛି। ଚାରିଆଡ଼େ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ଦେଖା ଦେଉଛି। ସୋମବାର ନୟାଗଡ଼ ବ୍ଲକ ଓ ନୟାଗଡ଼ ସହରରେ ୮ଟି ଅର୍ପଣ ରଥ ପରିକ୍ରମା କରିଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର, ସଂରକ୍ଷଣ ଓ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ଯୋଡିବା ଉଦ୍ଦେଶ୍ୟରେ ପରିକ୍ରମା କରୁଥିବା ରଥ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ଗାଁ ଗାଁରେ

### ହୁଳହୁଳି, ସଂକୀର୍ତ୍ତନରେ ମୁଖରିତ ଗାଁ ସହର

ଭଜନ, କୀର୍ତନ କରାଯାଇ ରଥକୁ ସ୍ୱାଗତ କରାଯାଉଛି। ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର ନିକଟରେ ଅର୍ପଣ ରଥକୁ ନୟାଗଡ଼ ସହରର ନଂ.୭ ଓ ୮ ନଂ. ୱାର୍ଡର ବାସିନ୍ଦା ଘରୁ ଗୁଆ ଓ ଚାଉଳ ପ୍ରଦାନ କରିଛନ୍ତି। ରଥକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପୂଜାର୍ଚ୍ଚନାରେ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର, କାଉନସିଲରମାନେ ସାମିଲ ହୋଇଥିଲେ। ସେହିପରି ଅର୍ପଣ ରଥ ଅନୁରୂପ ଭାବେ ନୟାଗଡ଼ ବ୍ଲକର ଗଦାଧରପ୍ରସାଦ, ଘଡୁଆଳ, ଭାଟସାହି, ବଡପଣ୍ଡୁସର, ଇକିରି, ଚମ୍ପତିପୁର ପଞ୍ଚାୟତର ସବୁ ଗାଁଗୁଡିକୁ ପରିକ୍ରମା କରିଛି। ନୟାଗଡ ପୁରୁଣା ସହରର ଜଗନ୍ନାଥ ମନ୍ଦିର, ଗୋବିନ୍ଦପୁର କାଉଁରୀ ଠାକୁରାଣୀ ମନ୍ଦିର, ତ୍ରିନାଥ ଠାକୁର ଘଡୁଆଳ, ଡିଆଁପଡ଼ା ମନ୍ଦିର, ବଡପଣ୍ଡୁସରର ଉଗ୍ରସେନ ମନ୍ଦିର, କମଳା ଭୁଆଁ ଠାକୁରାଣୀ ଆଡ଼ବନ୍ଧ, ଚମ୍ପତିପୁର ମହାଦେବ ମନ୍ଦିର ସମ୍ମୁଖରେ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା।

# କ୍ରିକେଟରେ ଇଟାମାଟି ଚାମ୍ପିୟନ

### ନୟାଗଡ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ନୟାଗଡ଼,୮।୧(ଲୋକନାଥ ମିଶ୍ର)

ନୟାଗଡ ବ୍ଲକସ୍ତରୀୟ ନୂଆ ଓ କ୍ରୀଡା ଉତ୍ସବ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ବେଳେ ସୋମବାର ଦକ୍ଷିଣକାଳୀ ମଣ୍ଡାବାଗନ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହକି, ଫୁଟବଲ, ଖୋଖୋ, କବାଡ଼ି ଓ କ୍ରିକେଟ ଖେଳ ହୋଇଥିଲା। ଅନୁଷ୍ଠିତ ଫାଇନାଲ କ୍ରିକେଟ ମ୍ୟାଚରେ ଇଟାମାଟି ନୋଡରକୁ ହରାଇ ଚାମ୍ପିୟନ ହୋଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହ ଓ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ବିଡିଓ ପଦ୍ମଚରଣ ସାହୁ, ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ ଆସର ଲାଗି ରହିଥିଲା।

# ଆମ୍ବୁଲାନ୍ସ ଧକ୍କାରେ ଶିଶୁ ଗୁରୁତର

ଖଣ୍ଡପଡା,୮।୧(ଅଜୟ କୁମାର ମହାରଣା)

ଜଣେ ଗର୍ଭବତୀ ମହିଳା ଓ ତାଙ୍କ ସମ୍ପର୍କୀୟଙ୍କୁ ନେଇ ଏକ ଆମ୍ବୁଲାନ୍ସ ଗାଡି ଖଳିସାହିରୁ ଗଡିଆସାହି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ଗୋଟିଏ ଛୋଟ ୩ ବର୍ଷ ଶିଶୁକୁ ଧକ୍କା ଦେଇଛି। ଏଥିରେ ଶିଶୁ ଜଣକ ଗୁରୁତର ହୋଇଛନ୍ତି। ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି-କୋସକା ରାସ୍ତାର ସିଂଘାପଡା ଗ୍ରାମଠାରେ ସୋମବାର ଅପରାହ୍ନ ୪ଟାରେ ଏହି ଦୁର୍ଘଟଣା ଘଟିଥିଲା। ସିଂଘାପଡା ଛକ ନିକଟରେ ପ୍ରତାପ ସେଠୀଙ୍କ ଝିଅ ଶୂନ୍ୟଶ୍ରୀ ହଠାତ୍ ରାସ୍ତା ଉପରକୁ ଚାଲି ଆସିଥିଲେ। ଆମ୍ବୁଲାନ୍ସ ଧକ୍କାରେ ଶିଶୁର ବାମ ଗୋଡଟି କ୍ଷତିଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସ ଯୋଗେ ଯାତ୍ରା କରୁଥିବା ଗର୍ଭବତୀ ମହିଳା ଓ ତାଙ୍କ ସମ୍ପର୍କୀୟଙ୍କୁ ଧରି ଆମ୍ବୁଲାନ୍ସଟି ନୟାଗଡ଼ ଅଭିମୁଖେ ଯାଇଥିଲା। ଦୁର୍ଘଟଣାରେ ଆହତ ଶିଶୁଟି ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସିଂଘାପଡା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଲିପ୍ସା



@ ଆଶୀର୍ବାଦ



@ ବିଭୂତି



@ ଜ୍ଞାନରଞ୍ଜନ



@ ସାଗର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡପଡ଼ା ଏନ୍‌ଏସିର ସାଧାରଣ ବୈଠକ

ଖଣ୍ଡପଡ଼ା,୮।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନ୍‌ଏସିର ୯ମ ସାଧାରଣ ବୈଠକ ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ପୌରୋହିତ୍ୟରେ ସୋମବାର କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରୁ ଅନୁଷ୍ଠିତ ବୈଠକରେ ୧୦ଜଣ କାଉନସିଲର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇ ଦୃଢୀକରଣ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ସହରର ୧୩ ଟି ୱାର୍ଡରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ସହରାଞ୍ଚଳର ସାମଗ୍ରିକ ବିକାଶ ଓ ସୌନ୍ଦର୍ଯ୍ୟକରଣକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଥିବା ନିର୍ବାହୀ ଅଧିକାରୀ ଧଳ ସୂଚନା ଦେଇଛନ୍ତି। ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ୯ଟି ଯାତ୍ରୀ ବିଶ୍ରାମଗାର ନିର୍ମାଣ, ୬୦ ଲକ୍ଷ ଟଙ୍କା ବ୍ୟୟରେ ୨ଟି ସ୍ମାର୍ଟ ଶୌଚାଳୟ ନିର୍ମାଣ, ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳରେ ୫ଟି ନୌକା ଚାଳନା ବ୍ୟବସ୍ଥା, ସୌର ଚାଳିତ ବିଦ୍ୟୁତ କରଣ ସହ ଉଜ୍ୱଳ ଆଲୋକୀକରଣର ବ୍ୟବସ୍ଥା, ସେଲଫି କର୍ଣ୍ଣର ନିର୍ମାଣ, ଶ୍ରୀବନ୍ଧବିମଳେଶ୍ୱରଙ୍କ ପୀଠର ସୌନ୍ଦର୍ଯ୍ୟକରଣ ଓ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଖେଳ ଉପକରଣ ସ୍ଥାପନ, ୧୫ଲକ୍ଷ ଟଙ୍କା ବ୍ୟୟରେ ପଠାଣି ସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାରର ଉନ୍ନତିକରଣ, ସହରର ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ସ୍ଥାନରେ ଫେବର ବ୍ଲକ ପକାଯିବା ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବା ଦିଗରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।



ବୈଠକରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ ଓ କାଉନସିଲରମାନେ।

# କ୍ୟାବିନରୁ ୪ଦିନ ପରେ ମୃତଦେହ ଜବତ

ନୟାଗଡ,୮।୧(ଲୋକନାଥ ମିଶ୍ର)

ଶରଣକୁଳ ଥାନା ପୋଲିସ ରତନପୁର ଅଞ୍ଚଳର ଏକ କ୍ୟାବିନରୁ ଜଣେ ବ୍ୟବସାୟୀଙ୍କ ମୃତଦେହ ଜବତ କରିଛି। ମୃତ ବ୍ୟବସାୟୀ ହେଲେ ରାଜେଶ ଖାଁ(୬୫)। ଘର ଖୋର୍ଦ୍ଧା ଜିଲା ଖୋର୍ଦ୍ଧା ସଦର ଥାନାର ବାଜପୁର ଗାଁ ପାଖ ହରିପୁର ଗାଁରେ। ପୋଲିସ ସୂଚନା ଅନୁସାରେ, ପ୍ରାୟ ୪ଦିନ ହେଲା ମୃତଦେହ କ୍ୟାବିନରେ ରହିଥିଲେ ମଧ ଜଣାପଡ଼ି ନ ଥିଲା। ରାଜେଶ ଖାଁ ୪୦ବର୍ଷ ହେଲା ଶରଣକୁଳ ଅଞ୍ଚଳରେ ରହି ଆସୁଥିଲେ। ସେ ଅବିବାହିତ ଥିଲେ। ଛତା ମରାମତି କରି ପେଟ ପୋଷୁଥିଲେ। ରତନପୁର ଅଞ୍ଚଳରେ ଏକ କ୍ୟାବିନିରେ ସେ ରହୁଥିଲେ। ମୃତ୍ୟୁର କାରଣ ଜଣାପଡିନି। ତେବେ ମୃତ ଶରୀରରେ ପୋକ ସାଲୁବାଲୁ ହେଉଥିଲେ। ପୋଲିସ ନଂ. ୧/୨୪ରେ ଅପମୃତ୍ୟୁ ମମାଲା ରୁଜୁ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଅପରପକ୍ଷେ ପୋଲିସ ମୃତ୍ୟୁର କାରଣ ଅନୁଧ୍ୟାନ କରୁଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଲା

### ରଣପୁର ମହୋତ୍ସବ ଅର୍ଜ୍ଜୁନର ୪ର୍ଥ ସନ୍ଧ୍ୟା



ମହୋତ୍ସବରେ ଉପସ୍ଥିତ ଦର୍ଶକ।

ରଣପୁର, ୮।୧
(ସୁକାନ୍ତ କିଶୋର ଡାକୁଆ)

ରଣପୁର ବାଘସାମନ୍ତ ମିନି ଷ୍ଟାଡିୟମର ମୁକ୍ତ ଆକାଶ ରଙ୍ଗମଞ୍ଚରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୧୬ତମ ରଣପୁର ମହୋତ୍ସବ ଅର୍ଜୁନ। ସୋମବାର ଚତୁର୍ଥ ସନ୍ଧ୍ୟାରେ ସଙ୍ଗୀତ କଳା ବିଦ୍ୟା ନିକେତନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବରୁଣେଇ ଖୋର୍ଦ୍ଧା ପାଇକ ଆଖଡ଼ା, ଗଞ୍ଜାମର ପଶୁ ନୃତ୍ୟ ଏବଂ ସିନେ କଳାକାରମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନ ମୋହିଥିଲା। ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସତ୍ୟ ନାରାୟଣ ମହାପାତ୍ର ସାଂସ୍କୃତିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ।

ଏହି ମହୋତ୍ସବକୁ ବିଭିନ୍ନ ସ୍ଥାନରୁ ୨୦୦ରୁ ଊର୍ଦ୍ଧ୍ୱ ଉଠା ଦୋକାନ ବଜାର ଓ ଷ୍ଟାଲ ଏହି ପଡ଼ିଆ ଚାରି ପାର୍ଶ୍ୱରେ ପଡିଥିଲା। ସାନ୍ଧ୍ୟାରେ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ ଜମିଥିଲା। ଏହି ଦୋକାନଗୁଡ଼ିକରେ ଭଲ ବ୍ୟବସାୟ ହୋଇଥିଲା। ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଉପଜିଲାପାଳ ନୟାଗଡ଼ ଶଶିକାନ୍ତ ରାୟ, ସମ୍ମାନିତ ଅତିଥି ଭାବେ ରଣପୁର ବ୍ଲକ ଉପାଧ୍ୟକ୍ଷା ପ୍ରଭାତ କୁମାର ଦଳବେହେରା, ଚାନ୍ଦପୁର ଜିଲା ପରିଷଦ ସଭ୍ୟ ଜୋସ୍ନାମୟୀ ଦଳବେହେରା , ସୁରେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବିଧାୟକ ସତ୍ୟନାରାୟଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଡ. ପ୍ରଶାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନ ୩ଟାଠାରୁ ୫ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ କୁଇଜ ପ୍ରତିଯୋଗିତା କରାଯାଇଥିଲା। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରିଥିଲେ। ମହୋତ୍ସବ ଅବସରରେ ସ୍କୁଲ ଛକଠାରୁ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ବଜାର ଗଡି ଉଠିଛି। ମୀନା ବଜାର ଓ ଦୋଳି ପଡ଼ିଥିବା ସ୍ଥାନରେ ବହୁ ସଂଖ୍ୟାରେ ଭିଡ଼ ଜମିଛି। ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଉଛି।

